



# କଟକ ସିଟି

## ଚଣ୍ଡୀ ମନ୍ଦିର ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କଲେ ଜିଲ୍ଲାପାଳ



କଟକ, ୧।୨ (ସମିସ): କଟକର ଆରାଧ୍ୟା ଦେବୀ ମା' କଟକ ଚଣ୍ଡୀ ମନ୍ଦିରର ରୂପାନ୍ତରଣ କାର୍ଯ୍ୟ ଆଗେଇ ଚାଲିଛି। ଜିଲ୍ଲାପାଳ ବିନୀତ ଭରଦ୍ୱାଜ ଆଜି ମା କଟକ ଚଣ୍ଡୀଙ୍କୁ ଦର୍ଶନ କରିବା ସହ ମନ୍ଦିର ରୂପାନ୍ତରଣ କାର୍ଯ୍ୟର ଅଗ୍ରଗତି କାର୍ଯ୍ୟର ସମୀକ୍ଷା କରିବା ସହ ଏ ସମ୍ବନ୍ଧରେ ସମ୍ପୃକ୍ତ ଯନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ତେବେ ନିର୍ମାଣ କାର୍ଯ୍ୟର ଗୁଣବତାକୁ ବଜାୟ ରଖି ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ଶେଷ କରିବା ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ। ପ୍ରକାଶଥାଉ କି, ମୁଖ୍ୟ ମନ୍ଦିର ନିର୍ମାଣ କାର୍ଯ୍ୟ ଶେଷ କରିବା ପାଇଁ ଅଧିକ ସମୟ ଆବଶ୍ୟକ ହେଉଥିବାରୁ ଆନୁଷଙ୍ଗିକ କାର୍ଯ୍ୟ ଯଥା ଦୀପ, ଫୁଲ ଓ ଭୋଗ ଦୋକାନର ସ୍ଥାନାନ୍ତରଣ ସହ ମନ୍ଦିର ବେଢ଼ା ଓ ତତ୍‌ସଂଲଗ୍ନ ଅଞ୍ଚଳର ଫ୍ଲୋରିଂ କାର୍ଯ୍ୟ ଆସନ୍ତା ଏକ ମାସ ମଧ୍ୟରେ ଶେଷ କରିବାକୁ ସେ ଓବିସିସିର ଅଧିକ୍ଷଣ ଯନ୍ତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଏଥିସହ ସେ ନିଜେ ପୁନର୍ବାର ଆସି କାର୍ଯ୍ୟ ଅଗ୍ରଗତିର ସମୀକ୍ଷା କରିବା ନେଇ ସମ୍ପୃକ୍ତ ଯନ୍ତ୍ରୀଙ୍କୁ କହିଥିଲେ। ସମୀକ୍ଷାରେ ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ, ଉପନିର୍ଦ୍ଦେଶକ ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର, ଉପଜିଲ୍ଲାପାଳ କମଲଜିତ୍ ଦାସ୍, କଟକ ସଦର ତହସିଲଦାର ସୁଜୟ ପତି ପ୍ରମୁଖ ଉପସ୍ଥିତ ଥିଲେ। ମନ୍ଦିର ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯିବା ସହ ମା'ଙ୍କ ଫଟୋଚିତ୍ର ପ୍ରଦାନ କରାଯାଇଥିଲା।



### ମହାଦେବ ଜୁଏଲାରୀ ଅଳଙ୍କାର ଲୁଟ୍ ଘଟଣାର ପର୍ଦ୍ଦାଫାସ

# ଗଞ୍ଜାମର ୨ କୁଖ୍ୟାତ ମହିଳା ଲୁଟେରା ଗିରଫ

କଟକ, ୧।୨(ସମିସ):

ପୁରୀଘାଟ ଥାନା ଅନ୍ତର୍ଗତ ବାଲୁବଜାରସ୍ଥିତ ଏକ ଜୁଏଲାରୀ ଦୋକାନରୁ ହୋଇଥିବା ବଡ଼ଧରଣର ଲୁଟ୍‌ର ପର୍ଦ୍ଦାଫାସ ହୋଇଛି। ଏହି ଲୁଟ୍ ମାମଲାର ମୁଖ୍ୟ ଅଭିଯୁକ୍ତ ସହିତ ତା'ର ସହଯୋଗୀକୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ଗଞ୍ଜାମ ଜିଲ୍ଲାର ବଡବଜାର ଅଞ୍ଚଳର ସୁଶିଳା ଦାସ(୪୦)ଓ ଝୁମୁରି ଦାସ(୩୫)। ସେମାନଙ୍କ ନିକଟରୁ ଲୁଟ୍ ହୋଇଥିବା ଅଳଙ୍କାରକୁ ପୁଲିସ ଜବତ କରି ପାରିନାହିଁ। ଏବେ ତଦନ୍ତ ଜାରୀ ରହିଥିବା ବେଳେ ଏହି ଘଟଣାରେ ଆଉ କେଉଁମାନଙ୍କ ସମ୍ପୃକ୍ତି ରହିଛି ସେଥିନେଇ ପୁଲିସ ଖୋଳତାଡ କରୁଛି।

ପୁଲିସ ସୂତ୍ରରୁ ପ୍ରକାଶ ଯେ, ୨୦୨୩ ମସିହା ଡିସେମ୍ବର ୨୦ ତାରିଖରେ ବାଲୁବଜାର ସ୍ଥିତ ମହାଦେବ ଜୁଏଲାରୀର କର୍ମଚାରୀମାନେ ଦୋକାନରେ ସୁନା ଅଳଙ୍କାର ଗ୍ରାହକଙ୍କୁ ଦେଖାଇବା ସହିତ ବିକ୍ରୟ କରୁଥିଲେ। ପୂର୍ବରୁ ଏହି ଦୋକାନକୁ ଟାର୍ଗେଟ୍ କରିଥିବା ମୁଖ୍ୟ ଅଭିଯୁକ୍ତ ସୁଶିଳା ତା'ର ସହଯୋଗୀ ଝୁମୁରିକୁ ନେଇ ଦୋକାନରେ ପହଞ୍ଚିଥିଲା। ୧ ଘଣ୍ଟା ସମୟ ଧରି ବିଭିନ୍ନ ସୁନା ଅଳଙ୍କାର ଦେଖିବା ସହିତ ଜଣେ ଦୋକାନ କର୍ମଚାରୀଙ୍କ ସହିତ ସମ୍ପର୍କ ଯୋଡିଥିଲା। ଶେଷରେ କର୍ମଚାରୀଙ୍କୁ ଭକୁଆ ବନାଇ ୨ ଅଭିଯୁକ୍ତ ଲକ୍ଷାଧିକ ଟଙ୍କାର ସୁନା

### କର୍ମଚାରୀଙ୍କୁ ଭକୁଆ ବନାଇ ଲୁଟିଥିଲେ ଅଳଙ୍କାର

କାନଫୁଲ, ମଙ୍ଗଳସୂତ୍ର ଓ ସୁନା ମୁଦିକୁ କୌଶଳକ୍ରମେ ସାଙ୍ଗରେ ଆଣିଥିବା ବ୍ୟାଗ୍ ଓ ଶାଢ଼ୀରେ ଲୁଚେଇ ନେଇ ପଳାଇଯାଇଥିଲେ। ସୁଶିଳା ଦୋକାନ କର୍ମଚାରୀଙ୍କୁ କହିଥିଲା, ସେ ସ୍ଥାନୀୟ ଏଟିଏମ୍‌ରୁ ଟଙ୍କା ଉଠାଣ କରି ଆସିବା ପରେ ସୁନା ଅଳଙ୍କାର କ୍ରୟ କରିବ। ତେବେ ଅଭିଯୁକ୍ତମାନେ ଟଙ୍କା ଉଠାଇବା ଆଳରେ ଦୋକାନରୁ ସୁନା ଅଳଙ୍କାର ଗୁଡିକ



ନେଇ ଫେରାର୍ ହୋଇଯାଇଥିଲେ। ଦୀର୍ଘ ସମୟ ଧରି ସୁଶିଳା ଓ ଝୁମୁରି ନ ଆସିବାରୁ ଦୋକାନ କର୍ମଚାରୀଙ୍କ ସନ୍ଦେହ ହୋଇଥିଲା। ସେ ଦୋକାନ ମାଲିକ ଉଦୟ ସାହାଙ୍କୁ ଏ ବିଷୟରେ ଜଣାଇଥିଲେ। ଉଦୟ ତୁରନ୍ତ ସୁନା ଅଳଙ୍କାର ଗୁଡ଼ିକ ଯାଞ୍ଚ କରିବାରୁ ସୋକେସ୍ ଉପରେ ପ୍ରଦର୍ଶିତ ହୋଇଥିବା ମଙ୍ଗଳସୂତ୍ର, କାନଫୁଲ୍ ଓ ସୁନାମୁଦି ନ ଥିଲା। ଏହାପରେ ଦୋକାନ କର୍ମଚାରୀ ସ୍ଥାନୀୟ ଏଟିଏମ୍ ପାଖକୁ ଆସି ଅଭିଯୁକ୍ତ ଦ୍ୱୟ ସେଠାରେ ନ ଥିବାର ଦେଖିଥିଲେ। ସୁନା ଅଳଙ୍କାର ଲୁଟ୍ ହୋଇଥିବା ନିଶ୍ଚିତ ହେବା ଜାଣି ମାଲିକ ଉଦୟ ପୁରୀଘାଟ ଥାନାରେ ଏତଲା ଦେଇଥିଲେ। ଏହାପରେ ପୁଲିସ ଦୋକାନ ଓ ସ୍ଥାନୀୟ ଅଞ୍ଚଳର ସିସିଟିଭି ଫୁଟେଜ୍ ଆଣି ଯାଞ୍ଚ କରିଥିଲା। ଦୋକାନ ଭିତରେ ଲାଗିଥିବା ସିସି କ୍ୟାମେରାରେ ସୁଶିଳା ଓ ଝୁମୁରି ଅଳଙ୍କାର ଚୋରି କରୁଥିବାର ଦୃଶ୍ୟ କଏଦ ହୋଇଥିଲା। ଏହାପରେ ପୁଲିସ ସ୍କ୍ୱାଡ୍ ସେମାନଙ୍କୁ ଗତ ୨ମାସ ହେବ ଖୋଜୁଥିବା ବେଳେ ଆଜି କଟକ ରେଳ ଷ୍ଟେସନ୍‌ରୁ ଗିରଫ କରିଥିଲା। ସୂଚନା ଅନୁସାରେ, ଉଭୟ ସୁଶିଳା ଓ ଝୁମୁରି କେବଳ ବାଲୁବଜାର ନୁହେଁ ସାରା ସହରର ପ୍ରତିଷ୍ଠିତ ସୁନା ଦୋକାନକୁ ଟାର୍ଗେଟ୍ କରୁଥିଲେ। ଶେଷରେ ସୁବିଧା ସୁଯୋଗ ଦେଖି ବାଲୁବଜାରସ୍ଥିତ ମହାଦେବ ଜୁଏଲାରୀରୁ ଲୁଟ୍ କରିବାରେ ସଫଳ ହୋଇଥିଲେ।

ଅନ୍ୟପଟେ ମୁଖ୍ୟ ଅଭିଯୁକ୍ତ ସୁଶିଳା ଜଣେ ଅଭ୍ୟାସଗତ ଲୁଟେରା ବୋଲି ପୁଲିସ ଜାଣିବାକୁ ପାଇଛି। ତା' ନାଁରେ ବାଣପୁର, ଓଡ଼ଗାଁ, ଜରପଦା, ପୁରୁଷୋତ୍ତମପୁର, ପୁରୀଘାଟ ଥାନାରେ ପୂର୍ବରୁ ଏକାଧିକ ସଙ୍ଗୀନ ମାମଲା ରହିଛି। ସେହିପରି ଝୁମୁରି ନାଁରେ ଭଞ୍ଜନଗର, ଓଡଗାଁ, ଜରପଦା, ପୁରୁଷୋତ୍ତମପୁର ଓ ପୁରୀଘାଟ ଥାନାରେ ମାମଲା ରହିଛି। ଏହି ୨ ଅଭିଯୁକ୍ତ ଗଞ୍ଜାମରେ ରହୁଥିବାରୁ ବିଭିନ୍ନ ସମୟରେ ଗଞ୍ଜାମରୁ କଟକ ସହରକୁ ଆସିଥାଆନ୍ତି। ଏଠାରୁ ଲୁଟ୍ କରି ପୁଣି ଗଞ୍ଜାମ ପଳାଇଥାଆନ୍ତି। ତେବେ ସେମାନଙ୍କ ଠାରୁ ଚୋରି ଅଳଙ୍କାର ମିଳିପାରି ନାହିଁ। ପୁଲିସ ତଦନ୍ତ ଜାରି ରଖିଛି।

## ଭିନ୍ନକ୍ଷମ ଅଭିନୟ କରି ଧରାପଡ଼ିଲା ବନ୍‌ଜାରା ନାବାଳକ



କଟକ, ୧।୨(ସମିସ): ବାଦାମବାଡ଼ି ଥାନା ଅନ୍ତର୍ଗତ ସୂର୍ଯ୍ୟବିହାର ୟୁନିଅନ୍ ବ୍ୟାଙ୍କ୍ ନିକଟରୁ ଜଣେ ନାବାଳକକୁ ସ୍ଥାନୀୟ ଯୁବକ କାବୁ କରି ପୁଲିସର ଜିମା ଦେଇଛନ୍ତି। ଅଭିଯୁକ୍ତ ନାବାଳକ ଜଣକ ବଞ୍ଜାରା ହୋଇଥିବା ବେଳେ ସେ ଭିନ୍ନକ୍ଷମ ହେବାର ଅଭିନୟ କରି ଭିକ୍ଷା ମାଗୁଥିଲା। ୟୁନିୟନ୍ ବ୍ୟାଙ୍କ୍‌ର ଜଣେ କର୍ମଚାରୀଙ୍କ ସମ୍ମୁଖରେ ତା'ବାମ ଗୋଡ ଅଚଳ ଥିବା ଦର୍ଶାଇ କାନ୍ଦିବାର ଅଭିନୟ କରି ୫୦୦ଟଙ୍କା ମଧ୍ୟ ନେଇଯାଇଥିଲା। ଏହାପରେ ସ୍ଥାନୀୟ ଅଞ୍ଚଳରେ ୫/୬ଜଣ ବ୍ୟକ୍ତିଙ୍କ ନିକଟରୁ ମଧ୍ୟ ନିଜ ଅସହାୟତା ଦର୍ଶାଇ ୨ହଜାର ଟଙ୍କା ଆଦାୟ କରିଥିଲା। ଏତିକି ବେଳେ ସ୍ଥାନୀୟ ଶଙ୍କରପୁର ଅଞ୍ଚଳର ଜଣେ ଯୁବକ ଏସବୁ ଦେଖି ସମ୍ପୃକ୍ତ ନାବାଳକ ନିକଟକୁ ଯାଇ ତା'କୌଶଳକୁ ସର୍ବସମ୍ମୁଖରେ ଧରାପକାଇ ଦେଇଥିଲେ। ଏହାପରେ ପୁଲିସକୁ ଖବର ଦିଆଯିବାରୁ, ବାଦାମବାଡ଼ି ପୁଲିସ ଘଟଣାସ୍ଥଳରେ ପହଞ୍ଚି ସମ୍ପୃକ୍ତ ନାବଳକକୁ ଥାନାକୁ ଆଣିଥିଲା। ଥାନାରେ ପଚରାଉଚରା କରାଯିବାରୁ ଉକ୍ତ ନାବାଳକର ନାଁ ସୋଭରାଜ୍ ଏବଂ ସେ ଜଗତପୁରରେ ରହୁଥିବା କହିଥିଲା। ଏହାପରେ ପୁଲିସ ଉକ୍ତ ବଞ୍ଜାରା ଓ ଏଭଳି ରାସ୍ତାରେ ବୁଲୁଥିବା ବଞ୍ଜାରାଙ୍କ ଉପରେ ନଜର ରଖିଥିବା କହିଛି।



## ଜିଲ୍ଲାପାଳଙ୍କୁ ଶାନ୍ତି କମିଟିର ସମ୍ବର୍ଦ୍ଧନା



କଟକ, ୧।୨(ସମିସ): କଟକ ମହାନଗର ଶାନ୍ତି କମିଟି ପକ୍ଷରୁ ନୂତନ ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଅବସରରେ ଜିଲ୍ଲାପାଳଙ୍କ ସରକାରୀ କାର୍ଯ୍ୟାଳୟରେ କମିଟିର କର୍ମକର୍ତ୍ତାମାନେ ଉପସ୍ଥିତ ରହି ଶ୍ରୀ ଭରଦ୍ୱାଜଙ୍କୁ ସୌଜନ୍ୟମୂଳକ ଭାବେ ସାକ୍ଷାତ କରିବା ସହ ତାଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। କମିଟିର ସଭାପତି ଦେବେନ୍ଦ୍ରନାଥ ସାହୁ, ସାଧାରଣ ସମ୍ପାଦକ ଭିକାରୀ ଦାସ, ଉପସଭାପତି ଧର୍ମେଶ ନାୟକ, ଦେବାଶିଷ ରାୟ ଓ ଦେବେନ୍ଦ୍ର କାହାଲୀ, ସଂଗଠନ ସମ୍ପାଦକ ନରେଶଚନ୍ଦ୍ର ସାହୁ, ସହ ସମ୍ପାଦକ ରବୀନ୍ଦ୍ର କୁମାର ବେହେରା, ମୀନକେତନ ଦାସ, ଡଃ ଦ୍ୱିପାୟନ ପଟ୍ଟନାୟକ ଓ ବିଜୟକୁମାର ନାୟକ, କାର୍ଯ୍ୟାଳୟ ସମ୍ପାଦକ କେଦାର ବେହେରା ଓ ସୁଦୀପ୍ତକୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ରେଭେନ୍ସାରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ

କଟକ, ୧।୨(ସମିସ): ସ୍ଥାନୀୟ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଦୁଇଦିନ ଧରି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ଉପରେ ଆଲୋଚନା ହୋଇଯାଇଛି। ଏହି ଅବସରରେ କ୍ରିଏଟିଭ୍ ଆର୍ଟିଷ୍ଟ ଗ୍ରୁପ ଦ୍ୱାରା ଆୟୋଜିତ ଚିତ୍ରକଳା ଶିବିରକୁ କଥାକାର ଶାନ୍ତନୁ କୁମାର ଆଚାର୍ଯ୍ୟ ଉଦ୍‌ଘାଟନ କରିଥିଲେ। ଦୁଇଦିନ ଧରି ଚାଲିଥିବା

### କ୍ରିଏଟିଭ୍ ଆର୍ଟିଷ୍ଟ ଗ୍ରୁପର ଚିତ୍ରକଳା ପ୍ରଦର୍ଶନୀ




ବିଭିନ୍ନ ସମ୍ପାନରେ ଓଡ଼ିଶାର ବିଶିଷ୍ଟ ଅତିଥି ଯୋଗଦେଇ, ବିଶିଷ୍ଟ ଅତିଥିମାନେ ବୁଲିଦେଖିବା ସହିତ ଭୂୟସୀ ପ୍ରଶଂସା କରିଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ବାର୍ତ୍ତାବହନ କରୁଥିବା ଚିତ୍ରସବୁ କାନଭାସ୍‌ରେ ଚିତ୍ରିତ ହୋଇଥିଲା। ବିଶେଷକରି ଜଗନ୍ନାଥ ଆଧାରିତ ଚିତ୍ରସବୁ ପ୍ରଦର୍ଶନୀରେ ସ୍ଥାନ ପାଇଥିଲା। କାର୍ଯ୍ୟକ୍ରମକୁ ରେଭେନ୍‌ସା ବିଶ୍ୱବିଦ୍ୟାଳୟ, ଓଡ଼ିଆ ବିଭାଗମୁଖ୍ୟ ଡକ୍ଟର ଜ୍ଞାନୀ ଦେବାଶିଷ ମିଶ୍ର ପରିଚାଳନା କରିଥିଲେ। ଏହି ଚିତ୍ରକଳା ପ୍ରଦର୍ଶନୀରେ କ୍ରିଏଟିଭ୍ ଆର୍ଟିଷ୍ଟ ଗ୍ରୁପର ୨୦ଜଣ ଚିତ୍ରଶିଳ୍ପୀ ଅଂଶଗ୍ରହଣ କରିଥିଲେ। ଗ୍ରୁପ୍‌ର ସଭାପତି ରବି ନାରାୟଣ ରଥ, ସମ୍ପାଦକ ଶଶିକାନ୍ତ ରାଉତଙ୍କ ସମେତ ବରିଷ୍ଠ ଚିତ୍ରଶିଳ୍ପୀ ପ୍ରଣବ ଅଖଣ୍ଡ, ପ୍ରବୋଧ କୁମାର ସାହୁ, ଦେବାଶିଷ ସାହୁ, ସୁଜିତ କୁମାର ସ୍ୱାଇଁ, ପ୍ରଶାନ୍ତ କୁମାର ମିଶ୍ର, ବସେନ୍ ଟୁଡୁ, ରାକେଶ ମାଝି, ରାକେଶ ଦେ, ପଙ୍କଜ କୁମାର ବେହେରା, ଶୁଭଶ୍ରୀ ସାହୁ, ଝାନ୍‌ସୀ ରାଣୀ ସାହୁ, ଶୁଭଶ୍ରୀ ନାୟକ, ସମାପ୍ତି ଦାସ ପ୍ରଭୃତି ଚିତ୍ରଶିଳ୍ପୀ ଭାଗ ନେଇଥିଲେ। ଉଦ୍‌ଯାପନ ସମାରୋହରେ ବିଶିଷ୍ଟ କଥାକାର ଡକ୍ଟର ରାମଚନ୍ଦ୍ର ବେହେରା, ଡକ୍ଟର ବାବାଜୀ ଚରଣ ପଟ୍ଟନାୟକ ଓ ଡକ୍ଟର ନଟବର ଶତପଥୀଙ୍କ ଦ୍ୱାରା ଚିତ୍ରଶିଳ୍ପୀଙ୍କୁ ସମ୍ମାନିତ କରାଯିବାସହ ପ୍ରଦର୍ଶନୀ ବୁଲି ଦେଖିଥିଲେ। ଦୁଇଦିନଧରି ବିଶିଷ୍ଟ ବ୍ୟଙ୍ଗଲେଖକ ରାଧୁମିଶ୍ର ଓ କବି ପ୍ରସନ୍ନ କୁମାର ସ୍ୱାଇଁ ଶିଳ୍ପୀମାନଙ୍କ ସହିତ ଓଡ଼ିଶାର ସାହିତ୍ୟ ସହ ଚିତ୍ରର ଭୂମିକା ଉପରେ ଆଲୋଚନା କରିଥିଲେ।

## ମଧୁବାବୁଙ୍କ ସମାଧିସ୍ଥଳ ପରିଦର୍ଶନ କଲେ ମେୟର ଓ କମିଶନର



କଟକ, ୧।୨(ସମିସ): ତୁଳସୀପୁର ଗୋରା କବରସ୍ଥିତ ମଧୁସୂଧନ ଦାସଙ୍କ ସମାଧି ସ୍ଥଳ (ମଧୁସ୍ମୃତି)ରେ ଚାଲୁଥିବା ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିଛନ୍ତି କଟକ ମେୟର ସୁବାସ ସିଂ ଓ କଟକ ମହାନଗର ନିଗମର ନୂତନ କମିଶନର ସିଦ୍ଧାର୍ଥ ଶଙ୍କର ସ୍ୱାଇଁ। ସେମାନଙ୍କ ଉପସ୍ଥିତିରେ ଚାଲୁଥିବା ସମସ୍ତ କାର୍ଯ୍ୟ ଯଥାଶୀଘ୍ର ତ୍ୱରାନ୍ୱିତ କରିବାର ବ୍ୟବସ୍ଥା କରିବାକୁ ଉଭୟେ କହିଥିଲେ। ଏହି ଅବସରରେ ଓଏସ୍ଆଇସି ଅଧକ୍ଷ ଚିନ୍ମୟ ସାହୁ, ସିଏମ୍‌ସି ଷ୍ଟାଣ୍ଡିଙ୍ଗ କମିଟି ଅଧ୍ୟକ୍ଷା ମୋନାଲିସା ଦାସ, କର୍ପୋରେଟର ନମିତା ବାରିକ, କର୍ପୋରେଟର ଲକ୍ଷ୍ମୀପ୍ରିୟା ବେହେରା, ପୂର୍ବତନ କର୍ପୋରେଟର ରମ୍‌ଜାନ ଖାନ, ମଧୁ ସ୍ମୃତି କମିଟିର ସଭ୍ୟ, ରାଜୀବ ମହାନ୍ତି, ଦେବେନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

### ବେଆଇନ ବାଲି ଉତ୍ତୋଳନ ମାମଲା ପୂର୍ଣ୍ଣାଙ୍ଗ ଶୁଣାଣି ୫ରେ

# ହାଇକୋର୍ଟରେ ସରକାରଙ୍କ ପକ୍ଷରୁ ସତ୍ୟପାଠ ଦାଖଲ

କଟକ, ୧।୨(ସମିସ):

ବେଆଇନ ବାଲି ଉତ୍ତୋଳନ ପ୍ରସଙ୍ଗକୁ ନେଇ ହାଇକୋର୍ଟରେ ମାମଲା ବିଚାରାଧିନ ଥିବା ବେଳେ ଏହାର ପୂର୍ଣ୍ଣାଙ୍ଗ ଶୁଣାଣି ଆସନ୍ତା ସୋମବାର ଦିନ ହେବ। ଇସ୍ପାତ ଓ ଖଣି ବିଭାଗ ପକ୍ଷରୁ ମେସିନ ଦ୍ୱାରା ବାଲି ଉତ୍ତୋଳନ ପାଇଁ ଅନୁମତି ପ୍ରଦାନ ନେଇ ଗତ ଡିସେମ୍ବର ୨୧ର ବିଜ୍ଞପ୍ତି ଉପରେ ହାଇକୋର୍ଟ ଅନ୍ତରୀଣ ରହିତାଦେଶ ଜାରି କରିଥିଲେ। ତେବେ ଏହି ଆଦେଶର ପରିବର୍ତ୍ତନ ପାଇଁ ସରକାରଙ୍କ ପକ୍ଷରୁ ମଧ୍ୟ ଏକ ଅନ୍ତରୀଣ ଆବେଦନ ଦାୟର କରାଯିବା ସହ ଏକ ସତ୍ୟପାଠ ମଧ୍ୟ ଦାଖଲ ହୋଇଛି। ୨୦୧୬ର ବାଲି ନୀତି (ସ୍ୟାଣ୍ଡ ପଲିସି) ଅନୁସାରେ ସରକାର ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଏହି ପଲିସି ଅନୁସାରେ ମେସିନ ଦ୍ୱାରା ବାଲି ଉତ୍ତୋଳନ ଉପରେ ପ୍ରତିବନ୍ଧକ ଥିଲେ ମଧ୍ୟ ସରକାର କେଉଁ ସ୍ଥିତିରେ ଏହାକୁ ଅନୁମତି




ଦେବେ ସେ ନେଇ ପରବର୍ତ୍ତୀ ଶୁଣାଣି ବେଳେ ଆଡଭୋକେଟ ଜେନେରାଲ ଅଦାଲତରେ ପକ୍ଷ ରଖିବେ ବୋଲି ହାଇକୋର୍ଟ କହିଛନ୍ତି। କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡକ୍ଟର ଜଷ୍ଟିସ ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ ଓ ଜଷ୍ଟିସ ଏମ.ଏସ. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ପ୍ରଶାନ୍ତ କୁମାର ଦାସଙ୍କ ପକ୍ଷରୁ ଦାୟର ଜନସ୍ୱାର୍ଥ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ଦେଇଛନ୍ତି। ଆଜି ସରକାରଙ୍କ ପକ୍ଷରୁ ଅବଗତ କରାଯାଇଥିଲା କି କାଠଯୋଡିର ୧୪ଟି ବାଲିଘାଟକୁ ହାଇକୋର୍ଟଙ୍କ ୨୦୨୩, ଡିସେମ୍ବର ୨୧ର ଅନ୍ତରୀଣ ନିର୍ଦ୍ଦେଶ ବଳରେ ବନ୍ଦ କରାଯାଇଥିଲା। ସେହିଦିନ ଜିଲ୍ଲା ଖଣି ଅଧିକାରୀଙ୍କ ପକ୍ଷରୁ ପୁନଃ କାର୍ଯ୍ୟକ୍ଷମ କରିବାକୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଖଣି ବିଭାଗର ଅନୁମତି ପାଇଁ ସେହି ଘାଟ ଗୁଡିକରୁ ବାଲି ଉଠୁଥିଲା। ତେବେ ଏଗୁଡିକୁ ପରେ ବନ୍ଦ କରାଯାଇ ସମ୍ପୃକ୍ତ ଅଧିକାରୀଙ୍କୁ କାରଣଦର୍ଶାଅ ନୋଟିସ ଜାରି ହୋଇଛି ବୋଲି ହାଇକୋର୍ଟଙ୍କୁ ଅବଗତ କରାଯାଇଥିଲା। ମାମଲାରୁ ପ୍ରକାଶ ଯେ କାଠଯୋଡି ନଦୀ ଶଯ୍ୟାରୁ ସରକାରଙ୍କ ଗାଇଡଲାଇନ ଉଲ୍ଲଙ୍ଘନ କରି ଯାନ୍ତ୍ରିକ ପଦ୍ଧତିରେ ବାଲି ଉତ୍ତୋଳନ କରାଯାଉଥିବା ନେଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ସୁକାନ୍ତ କୁମାର ଦଳାଇ ମାମଲା ପରିଚାଳନା କରୁଛନ୍ତି।

## ବିତର୍କ ପ୍ରତିଯୋଗିତା ଅନୁଷ୍ଠିତ



କଟକ, ୧।୨(ସମିସ): ରେଭେନ୍ସା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସିଏଚ୍ଏସଇ କେନ୍ଦ୍ରୀୟ ଜୋନ୍‌ର ଚେୟାର ମେନ୍ସ କପ୍ ବିତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏ କାର୍ଯ୍ୟକ୍ରମକୁ ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ଡ. ସନାତନ ବେହେରା ଉଦ୍‌ଘାଟନ କରିଥିଲେ। ରାଜ୍ୟ ଏନ୍‌ଏସ୍‌ଏସ୍ ସଂଯୋଜକ ବିଶ୍ୱମୋହନ ଜେନା ପର୍ଯ୍ୟବେକ୍ଷକ ରୂପେ ଯୋଗଦେଇଥିଲେ। ଇଂରାଜୀ, ଓଡ଼ିଆ ଓ ହିନ୍ଦୀ ଭାଷାରେ ଆୟୋଜିତ ବିତର୍କରେ କେନ୍ଦ୍ରୀୟ ଜୋନର ବିଭିନ୍ନ ମହାବିଦ୍ୟାଳୟରୁ ପ୍ରାୟ ୪୦ ଜଣ ମନୋନୀତ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଡ. ସୁଜାତା ମୁଦୁଲି, ସଙ୍ଗୀତା ମହାନ୍ତି, ଶିବପ୍ରସାଦ ମିଶ୍ର, ବିଭୁଲିନା ମିଶ୍ର ପ୍ରମୁଖ ଅଧ୍ୟାପକ ଗଣ କାର୍ଯ୍ୟକ୍ରମର ସଫଳ ପରିଚାଳନା କରିଥିଲେ।




# କଟକ ସିଟି





## ଆର୍‌ଡିସିଙ୍କ ନେତାଜୀ ସଂଗ୍ରହାଳୟ ପରିଦର୍ଶନ

କଟକ, ୧।୨(ସମିସ)

ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ରଞ୍ଜନ କୁମାର ଦାସ ଓ ଜିଲ୍ଲାପାଳ ବିନିତ ଭରଦ୍ୱାଜ ଓଡ଼ିଆ ବଜାରସ୍ଥିତ ନେତାଜୀ ସଂଗ୍ରହାଳୟ ପରିଦର୍ଶନ କରିଛନ୍ତି। ଉଭୟ ଅଧିକାରୀ ବୁଲିବା ସହ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ରାଜ୍ୟ ସଂଗ୍ରହାଳୟର ଅଧୀକ୍ଷକ ଅଶ୍ୱିନୀ ଶତପଥୀ ଓ ସଂଗ୍ରହାଳୟ ତତ୍ତ୍ୱାବଧାରକ ଜଳେନ୍ଦ୍ର ପ୍ରସାଦ ରାୟ ସଂଗ୍ରହାଳୟ ବୁଲାଇ ଦେଖାଇବା ସହ ନେତାଜୀଙ୍କ ଇତିହାସ, ଜୀବନୀ ଓ ଫଟୋଗୁଡ଼ିକ ସମ୍ପର୍କରେ ବୁଝାଇଥିଲେ। ନେତାଜୀ ସଂଗ୍ରହାଳୟ ସମ୍ପର୍କରେ ଏକ ବୃତଚିତ୍ର ଜିଲ୍ଲା ୱେବସାଇଟ୍‌ରେ ସ୍ଥାନିତ କରିବାକୁ ଆରଡିସି ଶ୍ରୀ ଦାସ ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁଙ୍କୁ ପରାମର୍ଶ ଦେଇଥିଲେ। ଏହି ପରିଦର୍ଶନ ସମୟରେ ସୂଚନା ଓ ଲୋକସମ୍ପର୍କ ବିଭାଗ (କେନ୍ଦ୍ରାଞ୍ଚଳ) ଉପନିର୍ଦ୍ଦେଶକ ହେମନ୍ତ ନାୟକ ଉପସ୍ଥିତ ଥିଲେ।

### ରେଡକ୍ରସ ରକ୍ତଭଣ୍ଡାର ନୂତନ କୋଠା

## ମିଳିଲା ଲାଇସେନ୍ସ; ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ

କଟକ, ୧।୨(ସମିସ)

କେନ୍ଦ୍ରୀୟ ରେଡକ୍ରସ ରକ୍ତ ଭଣ୍ଡାରର ନୂତନ କୋଠା ନିର୍ମାଣ କାର୍ଯ୍ୟ ଶେଷ ହୋଇ ସାରିଛି। ଏସ୍‌ସିବି ସମ୍ପ୍ରସାରଣ ପ୍ରକଳ୍ପ ଭିତରେ ଉକ୍ତ କୋଠା ପ୍ରଥମେ କାର୍ଯ୍ୟକ୍ଷମ ହୋଇପାରେ। ହେଲେ ଲାଇସେନ୍ସ ମିଳୁ ନଥିବା ହେତୁ ନୂତନ କୋଠା ଉଦଘାଟନ ହୋଇ ପାରୁନଥିଲା। ଏବେ ଅନଲାଇନ ଜରିଆରେ ଲାଇସେନ୍ସ ମିଳିଛି ବୋଲି ଜନୈକ ଅଧିକାରୀ ସୂଚନା ଦେଇଛନ୍ତି। ଖୁବଶୀଘ୍ର ଦିଲ୍ଲୀରୁ ଲାଇସେନ୍ସର ହାର୍ଡକପି ଆସି ପହଞ୍ଚିବ। ଏହା ପରେ କୋଠା ଉଦ୍‌ଘାଟନ କରାଯିବ ବୋଲି ଜଣାପଡ଼ିଛି। ତେବେ ଗତ ସେପ୍ଟେମ୍ବର ମାସରେ ନୂତନ କୋଠା କାର୍ଯ୍ୟକ୍ଷମ ନିମନ୍ତେ ପୁନଃ ଲାଇସେନ୍ସ ଆବେଦନ କରାଯାଇଥିଲା। ୫ମାସ ପରେ ଲାଇସେନ୍ସ ଆସିଥିବା ବେଳେ ଏବେ ଉଦ୍‌ଘାଟନ ପାଇଁ ତାରିଖ ନିର୍ଦ୍ଧାରଣ କରାଯାଉଛି। ଫେବୃୟାରୀ ଦ୍ୱିତୀୟ ସପ୍ତାହରେ ଉଦ୍‌ଘାଟନ ହୋଇପାରେ ବୋଲି ଅଧିକାରୀ ଜଣକ କହିଛନ୍ତି।

ଏସ୍‌ସିବି ମେଡ଼ିକାଲ ସମ୍ପ୍ରସାରଣ ପ୍ରକଳ୍ପ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଆଗେଇ

**ଏସ୍‌ସିବି ସମ୍ପ୍ରସାରଣ ପ୍ରକଳ୍ପରେ ତିଆରି ହୋଇଛି ନୂଆ କୋଠା**

**ପୁନଃ ଲାଇସେନ୍ସ ପାଇଁ ସେପ୍ଟେମ୍ବରରେ ହୋଇଥିଲା ଆବେଦନ**

ଚାଲିଛି। ଏହି ପରିପ୍ରେକ୍ଷୀରେ ମେଡ଼ିକାଲ ଆଖପାଖ ଅଞ୍ଚଳର ରୂପରେଖ ବଦଳୁଛି। ତେବେ ସମ୍ପ୍ରସାରଣ ପ୍ରକଳ୍ପ ଭିତରେ ଅନେକ ବିଭାଗ ଓ କାର୍ଯ୍ୟାଳୟ ପର୍ଯ୍ୟାୟ କ୍ରମେ ସ୍ଥାନାନ୍ତର କରାଯିବ। ପ୍ରଥମ ପର୍ଯ୍ୟାୟରେ କେନ୍ଦ୍ରୀୟ ରେଡକ୍ରସ ରକ୍ତ ଭଣ୍ଡାର କାର୍ଯ୍ୟାଳୟ ସ୍ଥାନାନ୍ତରିତ ହେବ। ଏଥି ପାଇଁ ସମସ୍ତ ପ୍ରସ୍ତୁତି ମଧ୍ୟ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚି ସାରିଲାଣି। ହେଲେ ନୂତନ ରେଡକ୍ରସ କାର୍ଯ୍ୟାଳୟ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବା ବେଳେ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଝୁଲି ରହିଛି।

ପ୍ରକାଶ ଯୋଗ୍ୟ, ଏସ୍‌ସିବି ମେଡ଼ିକାଲକୁ ବିଶ୍ୱସ୍ତରୀୟ କରିବା ନିମନ୍ତେ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ଏବେ ୪ଟି କ୍ଲିନିକାଲ କୋଠା ନିର୍ମାଣ କାର୍ଯ୍ୟ ଜାରି ରହିଛି। ଖୁବଶୀଘ୍ର ଉକ୍ତ କୋଠାର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ। ମେଡିକାଲ ସନ୍ନିକଟ ରାସ୍ତାକୁ ଚଉଡା କରାଯିବାକୁ ମଧ୍ୟ ଲକ୍ଷ୍ୟ ରଖାଯାଇଛି। ଯେଉଁଥିପାଇଁ ମଙ୍ଗଳାବାଗ ଥାନା ଠାରୁ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ପ୍ରତିଷ୍ଠାନ ପର୍ଯ୍ୟନ୍ତ ଉଚ୍ଛେଦ କରାଯିବ। ଏହା ଭିତରେ କେନ୍ଦ୍ରୀୟ ରେଡକ୍ରସ ରକ୍ତ ଭଣ୍ଡାର କୋଠା ମଧ୍ୟ ଭାଙ୍ଗିବ। ବୋଷ କ୍ୟାମ୍ପସ ପରିସରରେ ରେଡକ୍ରସର ନୂତନ କୋଠା ନିର୍ମାଣ କରାଯାଇଛି। ୩ ହଜାର ୩୦୦ବର୍ଗଫୁଟ ଅଞ୍ଚଳରେ ନୂତନ କୋଠା ତିଆରି ହୋଇଛି। ଦୁଇ ମହଲା ବିଶିଷ୍ଟ କେନ୍ଦ୍ରୀୟ ରେଡକ୍ରସର ନୂତନ କୋଠାରେ ଥାଲାସେମିଆ ରୋଗୀଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଡେ କେୟାର ସେଣ୍ଟର ମଧ୍ୟ ଖୋଲାଯାଇଛି।

ଏତଦବ୍ୟତୀତ କିଛି ନୂତନ ମେସିନ ଅଣାଯିବା ପାଇଁ ଯୋଜନା ରହିଛି। ରେଡକ୍ରସ କାର୍ଯ୍ୟାଳୟର ଅଧିକାରୀଙ୍କ ସୂଚନା ଅନୁସାରେ, ୬୦୦ରୁ ଅଧିକ ଥାଲାସେମିଆ ରୋଗୀ ପଞ୍ଜୀକରଣ କରିଛନ୍ତି। ପ୍ରତ୍ୟେକ ରୋଗୀ ଅତିକମ୍‌ରେ ମାସକୁ ୩ଥର ଏଠାକୁ ଆସି ରକ୍ତ ସଂଗ୍ରହ କରୁଛନ୍ତି। ଥାଲାସେମିଆ ରୋଗୀଙ୍କୁ ନିଃଶୁଳ୍କରେ ରକ୍ତ ୟୁନିଟ ପ୍ରଦାନ କରାଯାଉଛି। ଥାଲାସେମିଆ ରୋଗୀଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଏକ ଡେ କେୟାର ୟୁନିଟ ଖୋଲାଯିବ ବୋଲି ସେ ଜଣାଇଛନ୍ତି।

## ୩ରେ ଏସ୍‌ସିବି ବୋନ୍ ବ୍ୟାଙ୍କ ଉଦ୍‌ଘାଟନ

**କଟକ, ୧।୨(ସମିସ):** ବୋନ୍ ବ୍ୟାଙ୍କ ସ୍ଥାପନ କରି ଇତିହାସ ସୃଷ୍ଟି କରିବ ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲ। ଅସ୍ଥିଶଲ୍ୟ ବିଭାଗରେ ଭିତ୍ତିଭୂମି ପ୍ରସ୍ତୁତ ହୋଇଥିବା ବେଳେ ଆସନ୍ତା ୩ ତାରିଖରେ ଉଦ୍‌ଘାଟନ ହେବ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ପୂର୍ବ ଭାରତର ପ୍ରଥମ ସରକାରୀ ହସ୍ପିଟାଲ ଭାବେ କଟକ ବଡ ମେଡିକାଲରେ ବୋନ୍ ବ୍ୟାଙ୍କ ଉପଲବ୍ଧ ହେବ। ସ୍ୱାସ୍ଥ୍ୟ ସେବା ଜଗତରେ ବୋନ ବ୍ୟାଙ୍କ ଏକ ବିରଳ ବ୍ୟବସ୍ଥା। ଦେଶର କ୍ୱଚିତ ହସ୍ପିଟାଲରେ ଏହି ବ୍ୟବସ୍ଥା ଉପଲବ୍ଧ ରହିଛି। ଦେଶର ସରକାରୀ ହସ୍ପିଟାଲ ଗୁଡିକ ଭିତରେ ଚେନ୍ନାଇ ପରେ ଏବେ ବୋନ ବ୍ୟାଙ୍କ ବ୍ୟବସ୍ଥା ଏସ୍‌ସିବିରେ ମଧ ଉପଲବ୍ଧ ହେବ। ଦେଶର ବିଭିନ୍ନ ସ୍ଥାନରୁ ମେସିନ କିଣି ଅଣାଯାଇଥିଲା। ମେସିନ ଗୁଡିକ ବୋନ ବ୍ୟାଙ୍କ ନିମନ୍ତେ ପ୍ରସ୍ତୁତ ଗୃହରେ ସଂସ୍ଥାପନ ହୋଇ ସାରିଛି।

## ସୁଦର୍ଶନ ପଟ୍ଟନାୟକଙ୍କର ୨ଟି ପୁସ୍ତକ ଲୋକାର୍ପିତ



**କଟକ, ୧।୨(ସମିସ):** ସୁସାହିତ୍ୟିକ ପ୍ରଫେସର ଡା. ସୁଦର୍ଶନ ପଟ୍ଟନାୟକଙ୍କର ରଚିତ ଉପନ୍ୟାସ 'ସମର୍ପିତା' ଓ କବିତା 'ସଞ୍ଜ ନଇଁଲା ପରେ' ବାଣୀପୀଠ ଶ୍ରୀରାମଚନ୍ଦ୍ର ଭବନରେ ଲୋକାର୍ପିତ ହୋଇଯାଇଛି। ବିଶିଷ୍ଟ ଶିଶୁ ସାହିତ୍ୟିକ ଡକ୍ଟର ମହେଶ୍ୱର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ପୁସ୍ତକ ଉନ୍ମୋଚନ ଉତ୍ସବରେ ବିଶିଷ୍ଟ ସାହିତ୍ୟ ସମାଲୋଚକ ପ୍ରଫେସର ବୈଷ୍ଣବ ଚରଣ ସାମଲ ମୁଖ୍ୟଅତିଥି ଭାବରେ ଯୋଗଦେଇ ୨ଟି ପୁସ୍ତକକୁ ଉନ୍ମୋଚନ କରିଥିଲେ। ବରେଣ୍ୟ ଅତିଥି ଭାବରେ ପ୍ରଖ୍ୟାତ ସାହିତ୍ୟିକ ଦାଶ ବେନେହୁର ଓ କବି ମଧୁସୂଦନ ଦାଶ ଯୋଗଦେଇ 'ସମର୍ପିତା' ଓ 'ସଞ୍ଜ ନଇଁଲାପରେ' ପୁସ୍ତକ ଦ୍ୱୟର ସମୀକ୍ଷା କରିବା ସହ ଡା. ପଟ୍ଟନାୟକଙ୍କ ସାରସ୍ୱତ ସାଧନାର ବିଭିନ୍ନ ଦିଗ ସମ୍ପର୍କରେ ଅଭିବ୍ୟକ୍ତି ପ୍ରଦାନ କରିଥିଲେ। ଉତ୍ସବରେ ଅଧ୍ୟାପିକା ମୀରା ବେଉରା ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲା ବେଳେ ନାଟ୍ୟକାର ବୈଜୟନ୍ତୀ ମିଶ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟପ୍ରଦାନ କରିଥିଲେ। ସୁଶ୍ରୀ ଆଞ୍ଜେଲା ମିଶ୍ର 'ସଞ୍ଜ ନଇଁଲା ପରେ' ପୁସ୍ତକରୁ ୩ଟି କବିତା ଆବୃତ୍ତି କରିଥିଲେ। ଉତ୍ସବରେ କବି କୁନଲତା ତ୍ରିପାଠୀ ବେଦମନ୍ତ୍ର ପାଠ କରିଥିଲେ ଓ ପୁସ୍ତକ ଦ୍ୱୟର ପ୍ରକାଶକ ତଥା ବିଜୟିନୀ ପବ୍ଲିକେଶନର ସତ୍ତ୍ୱାଧିକାରୀ ଦିଲୀପ କୁମାର ବେଉରା ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ ଡାକ୍ତର ପଟ୍ଟନାୟକଙ୍କ ୮୫ତମ ଜନ୍ମଦିନ ପାଳନ ଅବସରରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା।

## ଲୋକଙ୍କ ନିକଟରେ ସରକାରୀ ଯୋଜନା ପହଞ୍ଚାଇବାରେ ପ୍ରଶାସନ ଗୁରୁତ୍ୱ ଦେବ: ଜିଲ୍ଲାପାଳ

କଟକ, ୧।୨(ସମିସ)



ଲୋକମାନଙ୍କ ପାଖରେ ସରକାରଙ୍କ ସମସ୍ତ ଯୋଜନା ପହଞ୍ଚାଇବାରେ ପ୍ରଶାସନ ଲୋକାଭିମୁଖି ଆଭିମୁଖ୍ୟ ଗ୍ରହଣ କରିବ ବୋଲି କଟକ ଜିଲ୍ଲାପାଳ ବିନିତ ଭରଦ୍ୱାଜ ପ୍ରକାଶ କରିଛନ୍ତି। ନୂତନ ଜିଲ୍ଲାପାଳ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଆଜି ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନା ପ୍ରସଙ୍ଗରେ ସେ ଏହା କହିଛନ୍ତି। ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗମାନେ ଆବଶ୍ୟକସ୍ଥଳେ ସ୍ୱଗୃହରେ ମତାଧିକାର ସାବ୍ୟସ୍ତ କରିପାରିବେ। ପ୍ରଶାସନ ପକ୍ଷରୁ ସେମାନଙ୍କ ନିକଟକୁ ଏକ ଟିମ୍ ପଠାଯାଇ ଏହି କାର୍ଯ୍ୟକୁ ସୁବ୍ୟବସ୍ଥିତ କରାଯିବ। ତେବେ ଏଥି ନିମନ୍ତେ ସମ୍ପୃକ୍ତ ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକ ନିର୍ବାଚନ ପୂର୍ବରୁ ଲିଖିତ ଆକାରରେ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କୁ ଜଣାଇବେ। ଯୁବ ପିଢ଼ି ଭୋଟରମାନଙ୍କ ମତଦାନ ପ୍ରକ୍ରିୟାରେ ଅଧିକରୁ ଅଧିକ ଯୋଗଦାନ ନିମନ୍ତେ ମହାବିଦ୍ୟାଳୟ, ବିଭିନ୍ନ ସଂଗଠନଗୁଡ଼ିକରେ ସଚେତନତା କାର୍ଯ୍ୟକ୍ରମ ସଂଗଠିତ କରାଯାଉଛି। ଭୋଟରମାନଙ୍କ ଭିତରେ ଭିଭିପାଟ ଓ ସିପ୍ ଭଳି କାର୍ଯ୍ୟକ୍ରମ ଜରିଆରେ ଭୋଟରମାନଙ୍କୁ ସଚେତନ କରାଯାଉଛି। ବିଶେଷକରି ମୁକ୍ତ, ନିରପେକ୍ଷ ମତଦାନ ପାଇଁ ସମସ୍ତ ପଦକ୍ଷେପ ନିଆଯାଉଛି ବୋଲି ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତରରେ ଜିଲ୍ଲାପାଳ ମତ ଦେଇଥିଲେ। ଲୋକମାନଙ୍କ ଅଭିଯୋଗକୁ ଗୁରୁତ୍ୱ ଦିଆଯିବା ସହ ଗଣମାଧ୍ୟମ ଜରିଆରେ ଦୃଷ୍ଟିଗୋଚର ହେଉଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ବିହୀତ ପଦକ୍ଷେପ ନିଆଯିବ। ଜଗତପୁର ଶିଳ୍ପାଞ୍ଚଳରେ ସରକାରୀ ଜମି ଅବରୋଧ କରାଯାଉଥିବା ବିଷୟରେ ମଧ୍ୟ ପ୍ରଶାସନ ଦୃଷ୍ଟି ଦେବ ଏବଂ ଜବରଦଖଲକାରୀଙ୍କୁ ହଟାଇ ଶିଳ୍ପାଞ୍ଚଳକୁ ଜବରଦଖଲ ମୁକ୍ତ କରାଯିବ ବୋଲି ଜିଲ୍ଲାପାଳ ଆଲୋଚନା ଅବସରରେ କହିଥିଲେ। ଉପନିର୍ଦ୍ଦେଶକ ଓ ଲୋକସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର ଏହି କାର୍ଯ୍ୟକ୍ରମରେ ଯୋଗଦେଇ ରାଜ୍ୟ ସରକାରଙ୍କ ତରଫରୁ ସାମ୍ବାଦିକଙ୍କୁ ପ୍ରଦାନ କରାଯାଉଥିବା ବିଭିନ୍ନ ସୁବିଧା ସୁଯୋଗ ସମ୍ବନ୍ଧରେ ଆଲୋକପାତ କରିଥିଲେ। କଟକ ସଦର ତହସିଲଦାର ସୁଜୟ କୁମାର ପତି ଉପସ୍ଥିତ ଥିଲେ।

## ପେଟିନସାହି ଅଞ୍ଚଳରେ ମହିଳାଙ୍କ ବୈଠକ

**କଟକ, ୧।୨(ସମିସ):** ୱାର୍ଡ ନଂ-୨୧ ଅନ୍ତର୍ଗତ ପେଟିନ ସାହି ଅଞ୍ଚଳର ମହିଳାମାନଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ବିଧାୟକ ମହମ୍ମଦ ମୋକିମଙ୍କ ଆହ୍ୱାନ କ୍ରମେ ନଗର ମହିଳା କଂଗ୍ରେସ ପୂର୍ବତନ ସଭାନେତ୍ରୀ ଶୈଳବାଳା ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ୱାର୍ଡ ଅଞ୍ଚଳରେ କିପରି ସଂଗଠନକୁ ଆହୁରି ସୁଦୃଢ କରାଯିବ ଏବଂ କିପରି ଭାବେ ଅଧିକରୁ ଅଧିକ ମହିଳାମାନେ ସଙ୍ଗଠନରେ ଯୋଡ଼ିହେବେ ସେଥିପାଇଁ ଆଲୋଚନା ହୋଇଥିଲା। ୱାର୍ଡ ଅଞ୍ଚଳରେ ହୋଇଥିବା ବିଧାୟକ ଉନ୍ନୟନ ପାଣ୍ଠିରୁ ସମସ୍ତ କାର୍ଯ୍ୟ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କର୍ପୋରେଟର ଅନିତା ନାୟକ, ଚାରୁଲତା ସାହୁ, ଅମ୍ରିତା ଦାସ, ପଲ୍ଲବୀ ଘୋଷ ପ୍ରମୁଖ ଉପସ୍ଥିତ ଥିଲେ।



## ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା

**କଟକ, ୧।୨(ସମିସ):** ଉତ୍କଳ ସାହିତ୍ୟ ସମାଜର ପୂର୍ବତନ ସଭାପତି ତଥା ବିଶିଷ୍ଟ ସାରସ୍ୱତ ସାଧକ ଅନାଦି ସାହୁ ଓ ଅନୁଷ୍ଠାନର ପ୍ରାକ୍ତନ କାର୍ଯ୍ୟନିର୍ବାହିକା ସମିତି ସଦସ୍ୟ ଅରୁଣ କୁମାର ପଣ୍ଡାଙ୍କ ବିୟୋଗରେ ବୁଧବାର ସନ୍ଧ୍ୟାରେ ସାରସ୍ୱତ ପୀଠ ଶତାବ୍ଦୀ ଭବନ, କଟକ ଠାରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଉଭୟ ନିଷ୍ଠାପର, ସ୍ୱାଭିମାନୀ ସଂସ୍କୃତିସେବୀ ଭାବେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଆସୁଥିଲେ ବୋଲି ଏହି ଶ୍ରଦ୍ଧାଞ୍ଜଳି ସଭାରେ ବିଶିଷ୍ଟ ବ୍ୟକ୍ତିମାନେ ମତପ୍ରକାଶ କରିଛନ୍ତି। ଉତ୍କଳ ସାହିତ୍ୟ ସମାଜ ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶୋକସଭାରେ ଉପଦେଷ୍ଟା ପ୍ରଫେସର ବିଜୟାନନ୍ଦ ସିଂହ, ଉପସଭାପତି ଜୀବନାନନ୍ଦ ଅଧିକାରୀ, ସାଧାରଣ ସମ୍ପାଦକ ପ୍ରାଧ୍ୟାପକ ଆଦିତ୍ୟ ପ୍ରତାପ ଧଳ, ଡକ୍ଟର ସୁନାମଣି ରାଉତ, ବ୍ରହ୍ମାନନ୍ଦ ବିଶ୍ୱାଳ, ଶିବାଶିଷ କର, ସରୋଜିନୀ ମିଶ୍ର, ବ୍ରହ୍ମାନନ୍ଦ ମହାନ୍ତି, ରାଧାଶ୍ୟାମ ରାଉଳ, ମୁରଲୀଧର ଶତପଥୀ, ଦିଲ୍ଲୀପ ଦାସ, ତପନ ସ୍ୱାଇଁଙ୍କ ସମେତ ପ୍ରଫେସର ବିଜୟ ଶତପଥୀ, ବ୍ରହ୍ମାକୁମାରୀ ପ୍ରତିଭା ପୃଷ୍ଟି, କବି ପ୍ରସନ୍ନ ସ୍ୱାଇଁ, ରାଜୀବ ଷଡ଼ଙ୍ଗୀ, ଉମାଶଙ୍କର ମିଶ୍ର, କୃଷ୍ଣଚନ୍ଦ୍ର ପଣ୍ଡା, ନଳିନୀକାନ୍ତ ପଣ୍ଡା, ସଚ୍ଚିଦାନନ୍ଦ କର, ସନ୍ଧ୍ୟା ଦାସ, ସନ୍ଧ୍ୟା ଶତପଥୀ, ସଂଯୋଜ ସାମନ୍ତରାୟ ପ୍ରମୁଖ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

## ସାମାଜିକ ଓ ସ୍ୱାଧୀନତା ଆନ୍ଦୋଳନରେ ଓକିଲଙ୍କ ଅବଦାନ ରହିଛି






କଟକ, ୧।୨(ସମିସ)

ଓଡ଼ିଶା ହାଇକୋର୍ଟ ବାର ଆସୋସିଏସନ ପକ୍ଷରୁ ଆଜି ହାଇକୋର୍ଟର ୭୫ବର୍ଷ ପୂର୍ତ୍ତିର ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଛତିଶଗଡ଼ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଯୋଗଦେଇ ଦେଶର ବିଚାର ବ୍ୟବସ୍ଥାକୁ ଓଡ଼ିଶା ହାଇକୋର୍ଟର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ସମାଜରେ ଓକିଲଙ୍କ ସ୍ୱତନ୍ତ୍ର ସ୍ଥାନ ରହିଛି। ଦେଶର ସାମାଜିକ ଓ ସ୍ୱାଧୀନତା ଆନ୍ଦୋଳନକୁ ମଧ୍ୟ ଓକିଲଙ୍କ ଅବଦାନ ଅତୁଳନୀୟ। ସାଧାରଣ ଲୋକଙ୍କୁ ନ୍ୟାୟ ପ୍ରଦାନ ପାଇଁ ଓକିଲମାନେ ବ୍ରତୀ ହୁଅନ୍ତୁ ବୋଲି ରାଜ୍ୟପାଳ କହିଥିଲେ। ଅନ୍ୟତମ ଅତିଥି ଭାବେ ସୁପ୍ରିମକୋର୍ଟର ପ୍ରାକ୍ତନ ପ୍ରଧାନ ବିଚାରପତି ଜଷ୍ଟିସ ଉଦୟ ଉମେଶ ଲଳିତ ଭାରତୀୟ ବିଚାର ବ୍ୟବସ୍ଥାର ସାମ୍ପ୍ରତିକ ସ୍ଥିତି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଜଷ୍ଟିସ ଲଳିତ କହିଥିଲେ ହାଇକୋର୍ଟ ଗୁଡିକ ମଧ୍ୟ ସମାନ୍ତରାଳ ଭାବେ ସର୍ବୋଚ୍ଚ ନ୍ୟାୟାଳୟ ସହ ତାଳ ଦେଇ ଚାଲୁଛି। ହାଇକୋର୍ଟ ଗୁଡିକରୁ ମଧ୍ୟ ଅନେକ ଯୁଗାନ୍ତକାରୀ ରାୟ ଆସୁଛି। ସମ୍ପ୍ରତି ପ୍ରଯୁକ୍ତିବିଦ୍ୟାର ବହୁଳ ବ୍ୟବହାର ନ୍ୟାୟିକ ବ୍ୟବସ୍ଥାକୁ ଅଧିକ ମଜଭୁତ କରିଛି। ଏ କ୍ଷେତ୍ରରେ ଓଡ଼ିଶା ହାଇକୋର୍ଟ ଦେଶରେ ଅଗ୍ରଣୀ ହୋଇପାରିଛି ବୋଲି ଜଷ୍ଟିସ ଲଳିତ କହିଥିଲେ। ଓଡ଼ିଶା ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ ବିଦ୍ୟୁତ ରଞ୍ଜନ ଷଡଙ୍ଗୀ ଉଦବୋଧନ ଦେଇ ବାର ଓ ବେଞ୍ଚ ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ। ଉଭୟଙ୍କ ମଧ୍ୟରେ ସମନ୍ୱୟ ରଖିବା ଉପରେ ଜଷ୍ଟିସ ଷଡଙ୍ଗୀ ଗୁରୁତ୍ୱାରୋପ କରିଥିଲେ। ଏହି ଉତ୍ସବରେ ଅନ୍ୟତମ ଅତିଥି ଭାବେ ଆଡଭୋକେଟ ଜେନେରାଲ ଅଶୋକ କୁମାର ପରିଜା ଯୋଗଦେଇଥିଲେ। ନୋବେଲ ବିଜେତା କୈଳାସ ସତ୍ୟାର୍ଥୀ ଅନୁପସ୍ଥିତ ଥିବାରୁ ସାମାଜିକ ନ୍ୟାୟ ବ୍ୟବସ୍ଥା ଉପରେ ତାଙ୍କର ଅଡିଓ ବାର୍ତ୍ତା ପ୍ରେରଣ କରିଥିଲେ। ପ୍ରାରମ୍ଭରେ ହାଇକୋର୍ଟ ବାର ଆସୋସିଏସନର ସମ୍ପାଦକ ଚିତ୍ତରଞ୍ଜନ ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିଲେ। ବାର ଆସୋସିଏସନର ସଭାପତି ଧରଣୀଧର ନାୟକ ସଭାପତିତ୍ୱ ଅଭିଭାଷଣ ରଖିଥିଲେ। ଶେଷରେ ଉପସଭାପତି ବିଦ୍ୟାଧର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଯୁଗ୍ମ ସମ୍ପାଦକ ଦେବାଶିଷ ନନ୍ଦ ଓ ଶାଶ୍ୱତା ପଟ୍ଟନାୟକ। ଏହି ଅବସରରେ ବାର ଆସୋସିଏସନର ପୂର୍ବତନ କର୍ମକର୍ତ୍ତା ଓ ବରିଷ୍ଠ ଆଇନଜୀବୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

**ହାଇକୋର୍ଟ ବାର୍ ପକ୍ଷରୁ ୭୫ବର୍ଷ ପୂର୍ତ୍ତି ଉତ୍ସବ ଉଦ୍‌ଯାପିତ**

### ■ ମାହାଙ୍ଗା ଡବଲ ମର୍ଡର ମାମଲା

## ହାଇକୋର୍ଟଙ୍କ ଅନ୍ତରୀଣ ଆଦେଶ ବଳବତ୍ତର

**କଟକ, ୧।୨(ସମିସ):** ମାହାଙ୍ଗା ଡବଲ୍ ମର୍ଡର ମାମଲାରେ ନିମ୍ନ ଅଦାଲତଙ୍କ କଗ୍ନିଜାନ୍ସ ଗ୍ରହଣ ଓ ସମନ ଜାରି ନିର୍ଦ୍ଦେଶକୁ ଚାଲେଞ୍ଜ କରି ଦାୟର ମାମଲାରେ ବିଧାୟକ ପ୍ରତାପ ଜେନାଙ୍କୁ ଅନ୍ତରୀଣ ସୁରକ୍ଷା ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ପୁଣି ବଳବତ୍ତର ରଖିଛନ୍ତି ହାଇକୋର୍ଟ। ପୂର୍ବରୁ ପ୍ରତାପଙ୍କୁ ମିଳିଥିବା ଅନ୍ତରୀଣ ସୁରକ୍ଷା ଫେବୃଆରୀ୧୩ ପର୍ଯ୍ୟନ୍ତ ବଳବତ୍ତର ରହିଛି। ବିଧାୟକ ଶ୍ରୀ ଜେନାଙ୍କ ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ବି.ପି. ରାଉତରାୟ ଆଜି ଏହି ନିର୍ଦ୍ଦେଶ ଦେଇଛନ୍ତି। ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଆବେଦନକାରୀଙ୍କ ବିରୋଧରେ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ନାହିଁ। ଆଜି ଆବେଦନକାରୀଙ୍କ ପକ୍ଷରୁ ଯୁକ୍ତି ଉପସ୍ଥାପନ କରାଯାଇଥିଲା କି ଥରେ ନିମ୍ନ ଅଦାଲତ କଗ୍ନିଜାନ୍ସ ଗ୍ରହଣ କରିବା ପରେ ପୁଣି ଦ୍ୱିତୀୟ ଥର ପାଇଁ କଗ୍ନିଜାନ୍ସ ଗ୍ରହଣ କରିବା ବେଆଇନ। ସେହିପରି କଗ୍ନିଜାନ୍ସ ଗ୍ରହଣ ପାଇଁ ମଧ୍ୟ ନିମ୍ନ ଅଦାଲତ କିଛି କାରଣ ଦର୍ଶାଇନାହାଁନ୍ତି ଏଣୁ ଏହା ବେଆଇନ ବୋଲି ଶ୍ରୀ ଜେନାଙ୍କ ପକ୍ଷରୁ ଯୁକ୍ତି ଉପସ୍ଥାପନ କରାଯିବା ସହ କେତେକ ଅଦାଲତ ରାୟକୁ ଦୃଷ୍ଟାନ୍ତ ଭାବେ ରଖାଯାଇଥିଲା। ଏହି ପ୍ରସଙ୍ଗରେ ପ୍ରତିପକ୍ଷ ଜବାବ ରଖିବାକୁ ସମୟ ନେଇଥିବା ବେଳେ ଆସନ୍ତା ୧୩ ତାରିଖକୁ ପରବର୍ତ୍ତୀ ଶୁଣାଣି ଧାର୍ଯ୍ୟ ହୋଇଛି। ମାମଲାରୁ ପ୍ରକାଶ ଯେ, ଶ୍ରୀ ଜେନାଙ୍କ ବିରୋଧରେ ଆଇପିସିର ଦଫା ୩୦୨(ହତ୍ୟା), ୧୨୦-ବି(ଅପରାଧିକ ଷଡଯନ୍ତ୍ର), ୫୦୬( ହତ୍ୟା ଧମକ)ରେ ସାଲେପୁର ଜେଏମଏଫସି ଅଦାଲତ ଗତ୨୦୨୩, ସେପ୍ଟେମ୍ବର ୨୫ରେ କଗ୍ନିଜାନ୍ସ ଗ୍ରହଣ କରିଥିଲେ। ଏହାପରେ ସ୍ୱତନ୍ତ୍ର ମେସେଞ୍ଜରଙ୍କ ମାଧ୍ୟମରେ ଶ୍ରୀ ଜେନାଙ୍କୁ ସମନ୍ ଜାରି ପାଇଁ ଅଭିଯୋଗକାରୀ ରଣଜିତ ବରାଳଙ୍କ ତରଫରୁ ଦାୟର ଆବେଦନକୁ ଅଦାଲତ ଗ୍ରହଣ ପୂର୍ବକ ସମନ୍ ଜାରି କରିଥିଲେ ଅଦାଲତ। ନିମ୍ନ ଅଦାଲତଙ୍କ ନିର୍ଦ୍ଦେଶକୁ ଚାଲେଞ୍ଜ କରି ପ୍ରତାପ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୩.୦୪ ● ପାଉଣ୍ଡ ୧୦୫.୮୯
- ୟୁରୋ ୮୯.୬୮ ● ୟେନ୍ ୦.୫୬

**ସୁନାରୁପା ଦର**



୧୦ ଗ୍ରାମ ପିଛା (ଟଙ୍କାରେ)

- ସୁନା : ୫୮,୦୦୦ (ନୂଆଦିଲ୍ଲୀ)
- ରୁପା : ୭୬,୫୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୭୧,୬୪୫.୦୦
- ନିଫ୍ଟି ୨୧,୬୯୭.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୩.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୪.୮୬



# ଅନ୍ତରୀଣ ବଜେଟ
# କାହା ପାଇଁ କେମିତି

## ସମାବେଶୀ ଏବଂ ଅଭିନବ ବଜେଟ :ପ୍ରଧାନମନ୍ତ୍ରୀ



ଏହା କେବଳ ଏକ ଅନ୍ତରୀଣ ବଜେଟ ନୁହେଁ ବରଂ ଏକ ସମାବେଶୀ ଏବଂ ଅଭିନବ ବଜେଟ। ଉନ୍ନତ ଭାରତର ମୂଳଦୁଆକୁ ସୁଦୃଢ଼ କରିବା ପାଇଁ ବିକଶିତ ଭାରତ ବଜେଟ ଗ୍ୟାରେଣ୍ଟି ଦେଇଛି। ଏହି ବଜେଟ୍ ନିରନ୍ତରତାର ଆତ୍ମବିଶ୍ୱାସ ବହନ କରୁଛି। ବଜେଟ୍ ଯୁବ ଭାରତର ଆକାଂକ୍ଷାର ପ୍ରତିଫଳନ। 'ଆମେ ଏକ ବଡ଼ ଲକ୍ଷ୍ୟ ଧାର୍ଯ୍ୟ କରିଥିଲୁ, ତାହା ହାସଲ କରିଛୁ ଏବଂ ତା'ପରେ ନିଜ ପାଇଁ ଆହୁରି ବଡ଼ ଲକ୍ଷ୍ୟ ଧାର୍ଯ୍ୟ କରିଛୁ। ଏଥିରେ ବଜେଟ୍ ରେ ଗରିବ ଓ ମଧ୍ୟବିତ୍ତଙ୍କ ସଶକ୍ତିକରଣ ଉପରେ ଗୁରୁତ୍ୱ ଦିଆଯାଇଛି। ନିର୍ମଳାଙ୍କ ବଜେଟ୍ ହେଉଛି ଦେଶର ଭବିଷ୍ୟତ ନିର୍ମାଣ ପାଇଁ ବଜେଟ୍। ଏହି ବଜେଟରେ ୨୦୪୭ ସୁଦ୍ଧା ବିକଶିତ ଭାରତର ଭିତ୍ତିଭୂମିକୁ ସୁଦୃଢ଼ କରିବାର ଗ୍ୟାରେଣ୍ଟି ଦିଆଯାଇଛି।

## ସର୍ବସମାବେଶୀ ଓ ସୃଜନଶୀଳ ବଜେଟ୍



ଆଜି ଉପସ୍ଥାପିତ ହୋଇଥିବା କେନ୍ଦ୍ର ବଜେଟ୍ କେବଳ ମଧ୍ୟବିତକାଳିନ ବଜେଟ୍ ନୁହେଁ, ବରଂ ଏହା ସର୍ବସମାବେଶୀ ଓ ସୃଜନଶୀଳ ବଜେଟ୍। ବିଗତ ୧୦ବର୍ଷ ଭିତରେ ବିକଶିତ ଭାରତର ସ୍ୱପ୍ନକୁ ଆଖି ଆଗରେ ରଖି ଓ ୨୦୪୭ ମସିହା ସୁଦ୍ଧା ଧାର୍ଯ୍ୟ ଲକ୍ଷ୍ୟ ପୂରଣ ପାଇଁ ଉପସ୍ଥାପିତ ହୋଇଥିବା ଏହି ବଜେଟ୍ ନିଶ୍ଚିତ ଭାବେ ସହାୟକ ହେବ। ଦେଶର ୪ଟି ବର୍ଗ ଯଥା ମହିଳା, ଯୁବବର୍ଗ, ଚାଷୀ ଓ ଗରିବଙ୍କ ଉତ୍‌ଥାନ ହେଲେ ଦେଶର ପ୍ରଗତି ହେବା ସୁନିଶ୍ଚିତ ଏବଂ ଏହି ବଜେଟ୍ ବିକଶିତ ଭାରତ ପାଇଁ ଗ୍ୟାରେଣ୍ଟି। ଆଜିର ବଜେଟରେ ବିକଶିତ ଭାରତର ଭିତ୍ତିଭୂମି ନିର୍ମାଣ ପାଇଁ ୧୧ଲକ୍ଷ ୧୧ହଜାର ୧୧୧କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ସହରରୁ ଗାଁ ସମସ୍ତଙ୍କ ପାଇଁ ପ୍ରଧାନମନ୍ତ୍ରୀ ୫ବର୍ଷ ଭିତରେ ୪କୋଟିର ଆବାସ ଯୋଜନା ବ୍ୟବସ୍ଥା କରିଛନ୍ତି। ମୋଦି ସରକାର ଅମଳରେ ଦେଶର ୨୫କୋଟି ଲୋକଙ୍କ ଦାରିଦ୍ର୍ୟ ସୀମା ରେଖାରୁ ବାହାରିଛନ୍ତି। ସେହିପରି ଏସଏଚଜି ମାଧ୍ୟମରେ ୩ କୋଟି ମା'ଭଉଣୀମାନଙ୍କୁ 'ଲକ୍ଷପତି ଦିଦି' କରିବା ପାଇଁ ବଜେଟ୍‌ରେ ସ୍ଥାନ ଦିଆଯାଇଛି। ମଧ୍ୟବିତ ବର୍ଗଙ୍କୁ ଧ୍ୟାନ ଦିଆଯାଇ କୌଣସି ଟିକସ ବୃଦ୍ଧି କରାଯାଇନାହିଁ। ଏହି ବଜେଟ୍‌ରେ ସାରା ଦେଶର ଆର୍‌ଥିକ ବିକାଶ ଦିଗରେ ଆତ୍ମନିର୍ଭରଶୀଳ ଏବଂ ସୁନିଶ୍ଚିତ କର୍ମନିଯୁକ୍ତି ପ୍ରତିଫଳିତ ହୋଇଛି।

**- ମନମୋହନ ସାମଲ, ରାଜ୍ୟ ବିଜେପି ସଭାପତି**

## କେନ୍ଦ୍ର ସରକାର ସବୁ ବର୍ଗଙ୍କୁ ହତାଶ କରିଛନ୍ତି



ଏହି ବଜେଟ୍ ଦେଶର କୋଟି କୋଟି ଚାଷୀ, ଗରିବ ଲୋକ, ମହିଳା ଓ ବେକାର ଯୁବକ ଯୁବତୀଙ୍କୁ ନିରାଶ କରିଛି। ଦେଶରେ ପେଟ୍ରୋଲ୍, ଡିଜେଲ୍ ସମେତ ଅତ୍ୟାବଶ୍ୟକୀୟ ସାମଗ୍ରୀ, ବିଭିନ୍ନ ପନିପରିବା ଦରଦାମ୍ ହୁ ହୁ ହୋଇ ବଢୁଥିବାବେଳେ ଏହି ବଜେଟ୍ ଦରଦାମ୍ ରୋକିବାରେ କିଛି ପଦକ୍ଷେପ ନିଆଯାଇ ନାହିଁ। ବେକାରଙ୍କୁ ରୋଜଗାର ଦେବାପାଇଁ ଏଥିରେ ନିର୍ଦ୍ଦିଷ୍ଟ କିଛି ପଦକ୍ଷେପ ନିଆଯାଇନାହିଁ।

**-ରବି ବେହେରା, ସମାଜବାଦୀ ପାର୍ଟି ରାଜ୍ୟ ଶାଖା ସଭାପତ**

## ବିକଶକୁ ତ୍ୱରାନ୍ୱିତ କରିବାରେ ବଜେଟ ସହାୟକ ହେବ



ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଏହି ଅନ୍ତରୀଣ ବଜେଟ ସହାୟକ ହେବ। ମଧ୍ୟବିତ୍ତଙ୍କୁ ଆବାସ ଯୋଜନାରେ ସାମିଲ କରିବା, ରାଜ୍ୟମାନଙ୍କୁ ବିନା ସୁଧରେ ଋଣ ପ୍ରଦାନ, ଫିସ୍‌କାଲ ଡେଫିସିଟିକୁ ନିୟନ୍ତ୍ରଣ କରିବା ଏବଂ ରେଳ ଭିତ୍ତିଭୂମି ବିକାଶକୁ ଗୁରୁତ୍ୱ ଦେବା ସ୍ୱାଗତଯୋଗ୍ୟ ପଦକ୍ଷେପ। ଆଗାମୀ ଦିନରେ ଶକ୍ତି ସଂକଟକୁ ଦୃଷ୍ଟିରେ ରଖି ଏହି କ୍ଷେତ୍ରକୁ ଅଗ୍ରାଧିକାର ଦେବା ଦୂରଦୃଷ୍ଟି ସମ୍ପର୍ଣ୍ଣ ନିଷ୍ପତ୍ତି। ଶିକ୍ଷା ଓ ସ୍ୱାସ୍ଥ୍ୟ ପରି ସାମାଜିକ କ୍ଷେତ୍ରକୁ ଆଶାନୁରୂପ ଅନୁଦାନ ମିଳିନାହିଁ।

**ପ୍ରଫେସର ମିତାଲି ଚିନାରା**

## ଗରିବ, ନିମ୍ନ ମଧ୍ୟବିତ୍ତ, ମଧ୍ୟବିତ୍ତଙ୍କ ପାଇଁ କିଛି ନାହିଁ



ବଜେଟରେ ଗରିବ, ନିମ୍ନ ମଧ୍ୟବିତ୍ତ ଏବଂ ମଧ୍ୟବିତ୍ତଙ୍କ ପାଇଁ କିଛି ନାହିଁ। ଏହି ବଜେଟ କେବଳ ଦୈନନ୍ଦିନ କାର୍ଯ୍ୟ ପାଇଁ ଉଦ୍ଦିଷ୍ଟ। ପ୍ରତି ବର୍ଷ ଭଳି ଏ ବର୍ଷର ବଜେଟ ମଧ୍ୟ ରଙ୍ଗବେରଙ୍ଗ ଶବ୍ଦର ମାୟାଜାଲ ଥିଲା। ବଡ଼ ବଡ଼ ଏବଂ ବୃଥା ଦାବି କରିବା ଏହି ସରକାରଙ୍କ ଅଭ୍ୟାସ। ଗତ ୧୦ ବର୍ଷରେ ଦେଇଥିବା କେତେଟା ପ୍ରତିଶ୍ରୁତିକୁ ସେମାନେ ପୂରଣ କରିଛନ୍ତି ତାହାର ତୁଳନା କରାଯିବା ଉଚିତ। ପୂର୍ବରୁ ଦେଇ ଆସୁଥିବା ପ୍ରତିଶ୍ରୁତି ବିଷୟରେ ବଜେଟରେ କିଛି ଉଲ୍ଲେଖ କରାଯାଇ ନାହିଁ। ବର୍ଷକୁ ୨ କୋଟି ଚାକିରି, ଚାଷୀଙ୍କ ଆୟ ଦ୍ୱିଗୁଣ କରିବା, ୨୦୨୨ ସୁଦ୍ଧା ସମସ୍ତଙ୍କୁ ପକ୍କାଘର, ଶହେ ସ୍ମାର୍ଟ ସିଟି ଏହି ସବୁ ଦାବି ଆଜି ପର୍ଯ୍ୟନ୍ତ ପୂରଣ ହୋଇନାହିଁ।

**- ମଲ୍ଲିକାର୍ଜୁନ ଖଡ଼୍‌ଗେ, କଂଗ୍ରେସ ଅଧ୍ୟକ୍ଷ**

## ଏମ୍‌ଏସ୍‌ଏମ୍‌ଇ ପାଇଁ ବିଶେଷ କିଛି ନାହିଁ

ଷ୍ଟାଟ୍-ଅପ୍ ପାଇଁ ୧ ଲକ୍ଷ କୋଟି ଟଙ୍କାର କର୍ପସ ଫଣ୍ଡ ରଖାଯାଇଛି। ମାତ୍ର ଏହା ସନ୍ତୋଷ ଜନକ ନୁହେଁ। ସିଜିଟି ଏସ୍‌ଏମ୍‌ଇ ସ୍କିମ୍‌ରେ ମଧ୍ୟ ଏଭଳି ବ୍ୟବସ୍ଥା କରାଯାଇ ଫଣ୍ଡ ରହିଛି। ମାତ୍ର ଏଥିରେ ତୃଣମୂଳ ସ୍ତରରେ କୌଣସି ସୁଫଳ ମିଳିପାରୁ ନାହିଁ। ସମାନ ଭାବେ ନୂଆ ଘୋଷଣାରେ ମଧ୍ୟ ସାଧାରଣ ଷ୍ଟାଟ୍-ଅପ୍ କୌଣସି ଫାଇଦା ପାଇବାର ସମ୍ଭାବନା ନାହିଁ। ଏଥିରେ କେବଳ ବଡ଼ ବଡ଼ ଶିଳ୍ପପତି ହିଁ ଲାଭବାନ ହେବେ। ଏହାକୁ ଦେଖିଲେ ଷ୍ଟାଟ୍-ଅପ୍ କ୍ଷେତ୍ର ପାଇଁ ବିଶେଷ କିଛି ନ ଥିବା ଜଣାପଡୁଛି। ଏହା ବ୍ୟତୀତ ନିର୍ବାଚନ ବର୍ଷ ପାଇଁ ସରକାର ଅନ୍ୟ କିଛି ଦିଗ ପ୍ରତି ଗୁରୁତ୍ୱ ଦିଆଯାଇଛି।

**ସାତ୍ତ୍ୱିକ ସ୍ୱାଇଁ- ମହାସଚିବ, ଓସ୍‌ମି**

## ଓଡ଼ିଶା ପାଇଁ ଉତ୍ସାହିତ ହେବା ଭଳି କୌଣସି ଉପାଦାନ ନାହିଁ



ଯେଉଁ ବଜେଟ୍‌ରେ କୃଷି, ଶିକ୍ଷା ଓ ସଂସ୍କୃତିକୁ ଅଧିକ ଗୁରୁତ୍ୱ ଦିଆଯାଇଥାଏ ତାହା ମୋ ପାଇଁ ସବୁଠୁ ଭଲ ବଜେଟ୍। ଆମ ଦେଶର ପ୍ରଗତିର ମୂଳଦୁଆ ଏଇ ତିନି ତତ୍ତ୍ୱ ଉପରେ ଠିଆହୋଇଛି। ଜାତୀୟ ଶିକ୍ଷା ନୀତି ମାଧ୍ୟମରେ ତୃଣମୂଳ ସ୍ତରରେ ଶିକ୍ଷାକୁ ଗୁରୁତ୍ୱ ଦେଉଥିବା ସରକାର ଶିକ୍ଷା ପାଇଁ ଚଳିତ ବଜେଟ୍‌ରେ ପୂର୍ବ ବର୍ଷମାନଙ୍କ ତୁଳନାରେ ଭଲ ବ୍ୟବସ୍ଥା କରିଛନ୍ତି। ସଂସ୍କୃତି ପାଇଁ ବ୍ୟବସ୍ଥା ଚଳନୀୟ।

**- ଶୁଭ୍ରାଂଶୁ ପଣ୍ଡା, ଜଣାଶୁଣା ଲେଖକ**

## କେନ୍ଦ୍ର ସରକାରଙ୍କ ନିମ୍ନ ଆୟବର୍ଗଙ୍କୁ ପରିହାସ



ଏହି ବଜେଟ୍ ବୁଢ଼ା ବାଘ କଙ୍କଣ ପିନ୍ଧି ଧର୍ମତୀର୍ଥରେ ବାହାରିବାର ଏକ ନିର୍ବାଚନୀ ଛଳନାପୂର୍ଣ୍ଣ ବଜେଟ୍ ଅଟେ। ବଜେଟ୍‌ରେ କର୍ପୋରେଟ ଟିକସ ଓ ସମ୍ପତ୍ତି ଟିକସରେ ରିଆତି ଦିଆଯାଇଥିବା ବେଳେ ଆୟକରର କୌଣସି ରିଆତି ନଦେଇ ସର୍ବନିମ୍ନସ୍ତର ଆଗାମୀ ଜୁଲାଇରେ ସଂଶୋଧନ ହେବ ବୋଲି କୁହାଯାଇଛି। ମହିଳାମାନଙ୍କ ପାଇଁ ସଂସଦ ଓ ବିଧାନସଭାରେ ସ୍ଥାନ ସଂରକ୍ଷଣ କଥା ବାରମ୍ବାର ପ୍ରକାଶ କରିଥିଲେ ବି ୨୦୨୪ ସାଧାରଣ ନିର୍ବାଚନରେ ଏହା ଲାଗୁ ହେବ ନାହିଁ। ଆଇଆଇଟି ଏବଂ ଆଇଆଇଏମ୍ ପାଇଁ ଗତ ସାଧାରଣ ବଜେଟ୍‌ରେ ଆବଶ୍ୟକୀୟ ବ୍ୟୟ ବରାଦ କରିନଥିବାବେଳେ ଏହି ବଜେଟ୍‌ରେ ହ୍ରାସ କରାଯାଇଛି। ସେହିପରି ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମନିଯୁକ୍ତି ଯୋଜନାରେ ଆବଶ୍ୟକୀୟ ବ୍ୟୟ ବରାଦ କରାଯାଇନାହିଁ।

**ଜୟନ୍ତ ଦାସ ସିପିଆଇ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ**

## ମଧ୍ୟବିତ୍ତଙ୍କ ଉପରେ ବୋଝ ପଡ଼ିବ



ବଜେଟରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ କୌଣସି ପଦକ୍ଷେପ ନାହିଁ। ଟିକସ ହାର ହ୍ରାସ ହୋଇ ନ ଥିବାରୁ ମଧ୍ୟବିତ୍ତଙ୍କ ଉପରେ ବୋଝ ପଡ଼ିବ। ୨୦୨୫-୨୬ ସୁଦ୍ଧା ବିତ୍ତୀୟ ନିଅଣ୍ଟ ୪.୫%କୁ ହ୍ରାସ କରିବାକୁ ଘୋଷଣା କରିଥିଲେ ମଧ୍ୟ ଚଳିତ ବଜେଟ୍‌ରେ ଏହାକୁ ଆଖିଦୃଶିଆ ହ୍ରାସ କରାଯାଇନାହିଁ। ଫଳରେ ଏହି ସମୟଅବଧି ମଧ୍ୟରେ ଏହି ଲକ୍ଷ୍ୟ ହାସଲ କରିବା ସମ୍ଭବପର ନୁହେଁ।

**ଡକ୍ଟର ମାନସ ବେହେରା, ରାଜନୀତି ବିଜ୍ଞାନ ପ୍ରାଧ୍ୟାପକ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ**

## କେନ୍ଦ୍ରୀୟ ବଜେଟ ଶିକ୍ଷା ଓ ନିଯୁକ୍ତି ପାଇଁ ନିରୁତ୍ସାହଜନକ



ଏହି ବଜେଟ ଶିକ୍ଷା ଓ ନୂତନ ନିଯୁକ୍ତି କ୍ଷେତ୍ର ପାଇଁ ଅତ୍ୟନ୍ତ ନିରୁତ୍ସାହଜନକ। ଜାତୀୟ ଶିକ୍ଷାନୀତି -୨୦୨୦ ରେ ଶିକ୍ଷା କ୍ଷେତ୍ରରେ ଜିଡିପିର ୬% ଖର୍ଚ୍ଚ କରାଯିବ ବୋଲି କୁହାଯାଇଥିଲା। ମାତ୍ର ଗତ ସାଧାରଣ ବଜେଟରେ ଶିକ୍ଷା ପାଇଁ ବ୍ୟୟ ବରାଦ ହ୍ରାସ କରାଯାଇଥିବାବେଳେ ଏହି ବଜେଟରେ ତାହା ଅପରିବର୍ତ୍ତିତ ରହିଛି।

**ସଂଘମିତ୍ରା ଜେନା, ଏଆଇଏସ୍‌ଏଫ୍ ଓଡ଼ିଶା ରାଜ୍ୟ ସଭାପତି**

## ମିଛ ସ୍ୱପ୍ନର ବଜେଟ ବାସ୍ତବତାଠାରୁ କୋଷେ ଦୂରରେ: କଂଗ୍ରେସ



**ଭୁବନେଶ୍ୱର,୧।୨(ସମିସ):** କେନ୍ଦ୍ର ସରକାର ଉପସ୍ଥାପନ କରିଥିବା ବଜେଟ ଏକ ମିଛ ସ୍ୱପ୍ନର ବଜେଟ୍। ଏହି ବଜେଟ୍ ବାସ୍ତବତାଠାରୁ ବହୁ ଦୂରରେ। ସଂସଦରେ ଅର୍ଥମନ୍ତ୍ରୀ ବଜେଟ୍ ଉପସ୍ଥାପନା କରିବା ପରେ ସାମ୍ବାଦିକ ସମ୍ମିଳନୀ ଜରିଆରେ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ ଓ ଗଣମାଧ୍ୟମ ବିଭାଗ ସଂପାଦକ ପ୍ରଶାନ୍ତ ଶତପଥି କହିଥିଲେ ଯେ ଏହା ଏକ ମିଛି ସ୍ୱପ୍ନର ବଜେଟ। ଏହି ବଜେଟରେ ମଧ୍ୟବିତ୍ତ, ନିମ୍ନ ମଧ୍ୟବିତ୍ତ ଓ ଗରୀବ ଶ୍ରେଣୀର ଲୋକଙ୍କ ପାଇଁ ସେପରି କୌଣସି ବ୍ୟବସ୍ଥା ଗ୍ରହଣ କରାଯାଇନାହିଁ। ଅତ୍ୟଧିକ ମୁଦ୍ରାସ୍ଫୀତି ଓ ଉତ୍କଟ ଦରଦାମ୍ ବୃଦ୍ଧିକୁ କମ୍ କରିବା ପାଇଁ ସେପରି କିଛି ପ୍ରାବଧାନ ନାହିଁ।

## ବିକଶିତ ଭାରତ ଲକ୍ଷ୍ୟକୁ ପୂରଣ ପାଇଁ ବଜେଟ



'ସବକା ସାଥ୍, ସବକା ବିକାଶ, ସବକା ବିଶ୍ୱାସ ଓ ସବକା ପ୍ରୟାସ' ବିଚାରରେ ମୋଦୀ ସରକାର କାର୍ଯ୍ୟ କରି ଆସୁଛନ୍ତି। ଅନ୍ତରୀଣ ବଜେଟରେ ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟକୁ ପୂରଣ କରିବା ପାଇଁ ଯୁବ, ମହିଳା, ଚାଷୀ ଓ ଗରିବଙ୍କୁ ପ୍ରାଥମିକତା ଭିତ୍ତିରେ କଲ୍ୟାଣକାରୀ ବଜେଟ୍ ଉପସ୍ଥାପନ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ଧନ୍ୟବାଦ ଜଣାଉଛି। ବିକଶିତ ଭାରତ ବଜେଟରେ ଗବେଷଣା, ଉଦ୍ଭାବନ ଓ ଉଦ୍ୟମିତା କ୍ଷେତ୍ରରେ ୫୦ ବର୍ଷ ପର୍ଯ୍ୟନ୍ତ ସୁଧ ମୁକ୍ତ ଋଣ ସହିତ ୧ ଲକ୍ଷ କୋଟି ଟଙ୍କାର କୋର୍ପସ ପାଣ୍ଠି ଘୋଷଣା ସବୁଠୁ ବଡ଼ ଗେମ ଚେଞ୍ଜର ହେବ।

**- ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ଶିକ୍ଷାମନ୍ତ୍ରୀ**

## ଇତିହାସରେ ଏପରି ଲୋକଙ୍କ ବିରୋଧୀ ବଜେଟ୍ ସଂସଦରେ ଉପସ୍ଥାପନ ହୋଇନାହିଁ



ପ୍ରଧାନମନ୍ତ୍ରୀ ମୋଦୀ ଚଳିତ ବର୍ଷର ବଜେଟକୁ ଐତିହାସିକ ବଜେଟ୍ ବୋଲି କହିଛନ୍ତି। ପ୍ରକୃତରେ ଏହା ଐତିହାସିକ, କାରଣ ଭାରତୀୟ ବଜେଟ୍ ଇତିହାସରେ ଏପରି ସାଧାରଣ ଲୋକଙ୍କ ବିରୋଧୀ ବଜେଟ୍ ସଂସଦରେ ଉପସ୍ଥାପନ ହୋଇ ନାହିଁ। ଏହି ବଜେଟ୍‌ରେ କୃଷି କ୍ଷେତ୍ର ପାଇଁ ଆବଣ୍ଟନ ୩.୩ ପ୍ରତିଶତ ହ୍ରାସ ପାଇଛି, ଶିକ୍ଷା କ୍ଷେତ୍ର ପାଇଁ ୬.୫ ପ୍ରତିଶତ ହ୍ରାସ ପାଇଥିବା ବେଳେ ସ୍ୱାସ୍ଥ୍ୟ କ୍ଷେତ୍ରରେ ୧୦.୯ ପ୍ରତିଶତ ଓ ସାମାଜିକ କଲ୍ୟାଣ କ୍ଷେତ୍ରରେ ୧୫ ପ୍ରତିଶତ ହ୍ରାସ ଘଟିଛି। ଏହା କେନ୍ଦ୍ର ସରକାରଙ୍କ ଅର୍ଥନୈତିକ ତ୍ରୁଟିକୁ ପ୍ରତିଫଳିତ କରୁଛି।

**- ନିରଞ୍ଜନ ପଟ୍ଟନାୟକ ବରିଷ୍ଠ କଂଗ୍ରେସ ନେତା**

## ପୁରୁଣା ନୀତି, କାର୍ଯ୍ୟକ୍ରମକୁ ନେଇ ଆଗକୁ ବଢ଼ିବାକୁ ଗୁରୁତ୍ୱ



ଏହା ଏକ କାମଚଳା ବଜେଟ। ଏଥିରେ କେନ୍ଦ୍ର ସରକାର କିଛି ନୂଆ ଯୋଜନା କିମ୍ବା ନୀତି ପ୍ରଣୟନ କରିବା ଅପେକ୍ଷା ପୁରୁଣା ନୀତି ଏବଂ କାର୍ଯ୍ୟକ୍ରମକୁ ନେଇ ଆଗକୁ ବଢ଼ିବାକୁ ଗୁରୁତ୍ୱ ଦେଇଛନ୍ତି। କୋଭିଡ ପରେ ଭାରତ ଅର୍ଥନୀତିରେ ୭%ରୁ ଅଧିକ ଜିଡିପି ଅଭିବୃଦ୍ଧି ହାସଲ କରିଚାଲିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ଗତ ଆର୍ଥିକ ବର୍ଷ ତୁଳନାରେ ଅଧିକ ଅଭିବୃଦ୍ଧି ହାସଲ କରିବା ନେଇ ବିଭିନ୍ନ ଜାତୀୟ ଏବଂ ଅନ୍ତର୍ଜାତୀୟ ସଂସ୍ଥାମାନେ ଆକଳନ କରିଛନ୍ତି। ସେହିପରି ଆମର ପ୍ରତ୍ୟେକ୍ଷ ଟିକସ ଆଦାୟ ଲଗାତାର ଭାବେ ବଢ଼ି ବଢ଼ି ଚାଲିଛି। ଏହା ଆମ ଅର୍ଥନୀତି ପାଇଁ ଭଲ ସୂଚନା।

**-ରାଜୀବ ଶେଖର ସାହୁ, ବରିଷ୍ଠ ଚାର୍ଟାଡ ଆକାଉଣ୍ଟାଣ୍ଟ**

## ଆର୍ଥିକ ସ୍ଥିରତା, ନିର୍ଦ୍ଦିଷ୍ଟ କ୍ଷେତ୍ରର ଅଭିବୃଦ୍ଧିକୁ ବିଶେଷ ଧ୍ୟାନ



ବଜେଟ ବିକଶିତ ଭାରତ ଏବଂ ଜ୍ଞାନକୌଶଳ ଦୃଷ୍ଟିରୁ ଏକ ଉନ୍ନତ ରାଷ୍ଟ୍ର ଗଠନ ପାଇଁ ମାର୍ଗ ପ୍ରଶସ୍ତ କରୁଛି। ଆର୍ଥିକ ସ୍ଥିରତା ଏବଂ ନିର୍ଦ୍ଦିଷ୍ଟ କ୍ଷେତ୍ରର ଅଭିବୃଦ୍ଧି ଉପରେ ଏଥିରେ ବିଶେଷ ଗୁରୁତ୍ୱାରୋପ କରାଯାଇଛି। ମୁଦ୍ରାସ୍ଫୀତି ପରିଚାଳନା ଏବଂ ପୁଞ୍ଜି ନିବେଶ ପାଇଁ ଅର୍ଥମନ୍ତ୍ରୀ ବଜେଟରେ ଦୃଢ଼ ଆଭିମୁଖ୍ୟ ପୋଷଣ କରିବା ସହ ଆସନ୍ତା ୫ ବର୍ଷରେ ଆଖିଦୃଶିଆ ଅଭିବୃଦ୍ଧି ନେଇ ଆଶା ପ୍ରକାଶ କରିଛନ୍ତି।

**- ପ୍ରକାଶ ପରିଆରୀ, ଷ୍ଟକ ବଜାର ବିଶେଷଜ୍ଞ**

## ନଗର ରାଜଭାଷା କାର୍ଯ୍ୟାନ୍ୱୟନ ସମିତି ଅର୍ଦ୍ଧବାର୍ଷିକ ବୈଠକ

**ଭୁବନେଶ୍ୱର,୧।୨(ସମିସ):** ଦିନେଶ ପରୁଥୀ, ଅଧ୍ୟକ୍ଷ, ନରାକାସ (ବ୍ୟାଙ୍କ) ଏବଂ ମୁଖ୍ୟ ମହାପ୍ରବନ୍ଧକ ଭାରତୀୟ ଷ୍ଟେଟ ବ୍ୟାଙ୍କ ଭୁବନେଶ୍ୱରଙ୍କ ଅଧ୍ୟକ୍ଷତା, ଭାରତ ସରକାର, ଗୃହ ମନ୍ତ୍ରାଳୟ, ରାଜଭାଷା ବିଭାଗର ପ୍ରତିନିଧି ନିର୍ମଳ କୁମାର ଦୁବେ, ସହାୟକ ନିଦେଶକ (କାର୍ଯ୍ୟାନ୍ୱୟନ) ଙ୍କ ଉପସ୍ଥିତିରେ ଭାରତୀୟ ଷ୍ଟେଟ ବ୍ୟାଙ୍କ, ସ୍ଥାନୀୟ ପ୍ରଧାନ କାର୍ଯ୍ୟାଳୟରେ ନଗର ରାଜଭାଷା କାର୍ଯ୍ୟାନ୍ୱୟନ ସମିତି (ବ୍ୟାଙ୍କ), ଭୁବନେଶ୍ୱରର ୫୫ତମ ଅର୍ଦ୍ଧବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସାରଦା ପ୍ରସନ୍ନ ମହାନ୍ତି, କ୍ଷେତ୍ରୀୟ ନିଦେଶକ, ଭାରତୀୟ ରିଜର୍ଭ ବ୍ୟାଙ୍କ, ଡାଃ ସୁଧାଂଶୁ କେ କେ ମିଶ୍ରା,ମୁଖ୍ୟ ମହାପ୍ରବନ୍ଧକ, ନାବାର୍ଡ, ମନୋଜ କୁମାର ସିଂହ, ଉପାଧ୍ୟକ୍ଷ ଏବଂ ମଣ୍ଡଳ ବିକାଶ ଅଧିକାରୀ, ଭାରତୀୟ ଷ୍ଟେଟ ବ୍ୟାଙ୍କ ତଥା ଭୁବନେଶ୍ୱର ସ୍ଥିତ ସମସ୍ତ ସରକାରୀ ବ୍ୟାଙ୍କ ଏବଂ ବୀମା କମ୍ପାନୀମାନଙ୍କର ଉପ ମହାପ୍ରବନ୍ଧକ, ବରିଷ୍ଠ କାର୍ଯ୍ୟପାଳକ ଏବଂ ରାଜଭାଷା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକ ପ୍ରାରମ୍ଭରେ ଭାରତ ସରକାରଙ୍କ ସହକାରୀ ନିର୍ଦ୍ଦେଶକ (କାର୍ଯ୍ୟାନ୍ୱୟନ) ନିର୍ମଳ କୁମାର ଦୁବେ ଓ ଭାରତୀୟ ରିଜର୍ଭ ବ୍ୟାଙ୍କର ଆଞ୍ଚଳିକ ନିର୍ଦ୍ଦେଶକ ସାରଦା ପ୍ରସନ୍ନ ମହାନ୍ତି ନରାକାସର ନୂତନ ଅଧ୍ୟକ୍ଷ ଦିନେଶ ପରୁଥୀଙ୍କୁ ଶାଲ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରିଥିଲେ।




## ସେମ୍ ଡେ' ଡେଲିଭରି ଆରମ୍ଭ କରିବ ଫ୍ଲିପ୍‌କାର୍ଟ

**ଭୁବନେଶ୍ୱର,୧।୨(ସମିସ):** ମେଟ୍ରୋ ଓ ଅଣ ମେଟ୍ରୋ ସହରଗୁଡିକରେ ଲକ୍ଷ ଲକ୍ଷ ଗ୍ରାହକଙ୍କୁ ଉପକୃତ କରିବା ପାଇଁ ଏକ ପଦକ୍ଷେପରେ ଫ୍ଲିପ୍‌କାର୍ଟ ଏକାଧିକ ବର୍ଗରେ ଉତ୍ପାଦଗୁଡିକର ସେମ୍ ଡେ' ଡେଲିଭରି ବା ସମାନ ଦିନରେ ଡେଲିଭରି ଆରମ୍ଭ କରିବା ପାଇଁ ପ୍ରସ୍ତୁତ ହେଉଛି। ଏହି ପଦକ୍ଷେପ ଅନୁଯାୟୀ ଅହମ୍ମଦାବାଦ, ବେଙ୍ଗାଲୁରୁ, ଭୁବନେଶ୍ୱର, କୋଏମ୍ବାଟୁର, ଚେନ୍ନାଇ, ଦିଲ୍ଲୀ, ଗୌହାଟୀ, ହାଇଦ୍ରାବାଦ, ଇନ୍ଦୋର, ଜୟପୁର, କୋଲ୍କାତା, ଲୁଧିଆନା, ଲକ୍ଷ୍ନୌ, ମୁମ୍ବାଇ, ନାଗପୁର, ପୁନେ, ପାଟନା, ରାୟପୁର, ସିଲିଗୁଡି ଓ ବିଜୟୱାଡା ଆଦି ସହରର ଗ୍ରାହକମାନେ ଯଦି ଦିନ ୧ଟା ସୁଦ୍ଧା ନିଜର ଅର୍ଡର ପ୍ଲେସ୍ କରନ୍ତି, ତେବେ ସେମାନେ ରାତି ୧୨ଟା ପୂର୍ବରୁ ନିଜ ଉତ୍ପାଦଗୁଡିକର ଡେଲିଭରି ପାଇପାରିବେ। ଏହି ପଦକ୍ଷେପକୁ ଫେବୃଆରୀ ମାସରୁ ଶୁଭାରମ୍ଭ କରାଯାଉଛି ଏବଂ ଏହାକୁ ଆସନ୍ତା ମାସଗୁଡିକରେ ଦେଶର ଅଧିକ ଗ୍ରାହକଙ୍କ ନିକଟରେ ପହଞ୍ଚାଇବା ପାଇଁ ବିସ୍ତାର କରାଯିବ।

### ଢେଙ୍କାନାଳରେ ଛାତ୍ରଛାତ୍ରୀଙ୍କୁ ପାଣ୍ଡିଆନଙ୍କ ଗୁରୁମନ୍ତ୍ର

## ଶ୍ରମକାତରଙ୍କୁ ସଫଳତା ମିଳେନି

**ଭୁବନେଶ୍ୱର,୧।୨(ସମିସ):**

ଆପଣମାନେ ସମସ୍ତେ ହେଉଛନ୍ତି ଅନନ୍ୟ ପ୍ରତିଭାର ଅଧିକାରୀ। ସମସ୍ତଙ୍କ ଭିତରେ କିଛି ନା କିଛି ପ୍ରତିଭା ଲୁଚି ରହିଛି। ସେହି ପ୍ରତିଭାକୁ ଜାଗ୍ରତ କରିବାକୁ ପଡିବ। ସଫଳ ମଣିଷ ହେବା ଲାଗି ଏହି ପ୍ରତିଭାର ବିକାଶ କରିବା ଜରୁରୀ। ପରିଶ୍ରମକାତର ହେଲେ ସଫଳତା ମିଳିବ ନାହିଁ। ସେଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଲେଜରେ ପଢୁଥିବା ଛାତ୍ରଛାତ୍ରୀଙ୍କ ପାଇଁ 'ନୂଆ-ଓ' କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ତେଣୁ ବିନା ଦ୍ୱିଧାରେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରନ୍ତୁ ବୋଲି ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଦେଇଛନ୍ତି '୫-ଟି' ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ।

ଆଜି ଢେଙ୍କାନାଳ ଜିଲ୍ଲାରେ ଆୟୋଜିତ ନୂଆ-ଓ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇ ଶ୍ରୀ ପାଣ୍ଡିଆନ୍ କହିଛନ୍ତି ଯେ ସରକାର ସ୍କୁଲ ଓ କଲେଜରେ ପଢୁଥିବା ଛାତ୍ରଛାତ୍ରୀ ଅନ୍ୟମାନଙ୍କ ଠାରୁ କୌଣସି ଗୁଣରେ କମ୍ ନୁହଁନ୍ତି। ସରକାରୀ ଶିକ୍ଷାନୁଷ୍ଠାନରେ ପାଢ଼ ପଢ଼ିଥିବା ଅନେକ ଲୋକ ଜୀବନରେ ସଫଳତା ପାଇଛନ୍ତି।



ଆମ ରାଜ୍ୟର ମୁଖ୍ୟ ଶାସନ ସଚିବ ଭାବେ କାମ କରୁଥିବା ପ୍ରଦୀପ କୁମାର ଜେନା, ଆଇପିଏସ୍ ଅଧିକାରୀ ଅନୁପ କୁମାର ସାହୁ, ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ସ୍ୱର୍ଗତ ଗତିକୃଷ୍ଣ ମିଶ୍ର, ଖ୍ୟାତନାମା ଲେଖକ ତଥା ଗବେଷକ ପଦ୍ମଶ୍ରୀ ଡ଼ ଅନ୍ତର୍ଯ୍ୟାମୀ ମିଶ୍ର, ପ୍ରସିଦ୍ଧ ପର୍ବତାରୋହୀ ସ୍ୱର୍ଗତ କଳ୍ପନା ଦାସ ହେଉଛନ୍ତି ଢ଼େଙ୍କାନାଳ ମାଟିର ସନ୍ତାନ। ସେମାନଙ୍କ ପରି ଅନେକ ଆଦର୍ଶ ବ୍ୟକ୍ତିବିଶେଷ ଅଛନ୍ତି ଯେଉଁମାନେ ସରକାରୀ ସ୍କୁଲ ଓ କଲେଜରେ ପାଠ ପଢ଼ିଥିଲେ। ନିଜର କଠିନ ପରିଶ୍ରମ ଓ ଅଧ୍ୟବସାୟ ବଳରେ ସେମାନେ ଆଜି ବହୁ ଉଚ୍ଚ ସୋପାନରେ ପହଞ୍ଚି ପାରିଛନ୍ତି। ଏପରି ବ୍ୟକ୍ତିତ୍ୱଙ୍କୁ ନିଜ ଜୀବନରେ ଆଦର୍ଶ ଭାବେ ଗ୍ରହଣ କରନ୍ତୁ ଆଉ ବଡ଼ ସ୍ୱପ୍ନକୁ ସାକାର କରିବାରେ ଅବହେଳା କରନ୍ତୁ ନାହିଁ ବୋଲି ଶ୍ରୀ ପାଣ୍ଡିଆନ୍ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଛନ୍ତି।

ନିଜ ବକ୍ତବ୍ୟରେ ଶ୍ରୀ ପାଣ୍ଡିଆନ୍ କହିଛନ୍ତି ଯେ ଏବେ ଆପଣମାନେ ଜୀବନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମୟ ଦେଇ ଗତି କରୁଛନ୍ତି। ଆଉ ୫ ବର୍ଷ ପର୍ଯ୍ୟନ୍ତ ଆପଣମାନେ ପରିଶ୍ରମ କରିବାରେ ଅବହେଳା କରନ୍ତୁ ନାହିଁ। କାରଣ ଏହି ୫ ବର୍ଷର ପରିଶ୍ରମ ବଳରେ ଆପଣମାନେ ପରବର୍ତ୍ତି ୫୦ ବର୍ଷ ଯାଏ ଖୁସିରେ ରହିବେ। ଜୀବନରେ ଭଲ ମଣିଷ ହେବା ଲାଗି ଆପଣଙ୍କ ପିତାମାତା, ଶିକ୍ଷକ ଓ ଗୁରୁଜନ ସ୍ୱପ୍ନ ଦେଖୁଛନ୍ତି। ଆପଣଙ୍କ ସୁବିଧା ପାଇଁ ପରିବାର ଲୋକ ଏବଂ ଅନ୍ୟମାନେ ବହୁ ତ୍ୟାଗ କରିଛନ୍ତି। ତାହା ଯେପରି ବୃଥା ଯିବ ନାହିଁ ତାହା ସୁନିଶ୍ଚିତ କରିବା ଦାୟିତ୍ୱ ହେଉଛି ଆପଣମାନଙ୍କର। ମୋବାଇଲ୍ ଫୋନ୍‌ରେ ଅଯଥା ସମୟ ନଷ୍ଟ ନ କରି ପାଠ ପଢ଼ା, ବ୍ୟକ୍ତିତ୍ୱ ବିକାଶ ପାଇଁ ସମୟ ଦିଅନ୍ତୁ। ପ୍ରତି ଦିନ ବ୍ୟାୟାମ କରନ୍ତୁ, ଯୋଗ ପ୍ରାଣାୟାମ୍ କରନ୍ତୁ। ଆପଣମାନେ ହେଉଛନ୍ତି ଏହି ରାଜ୍ୟ ଓ ଦେଶର ଭବିଷ୍ୟତ। ଏହାକୁ ଲକ୍ଷ୍ୟରେ ରଖି ନିଜ ଉଦ୍ୟମ ଜାରି ରଖନ୍ତୁ ବୋଲି ଶ୍ରୀ ପାଣ୍ଡିଆନ୍ କହିଛନ୍ତି ।

## ଚାଷଜମିରେ ଗୃହ ନିର୍ମାଣ

# କେନାଲରେ ମିଶୁଛି ଘରର ଆବର୍ଜନା ପାଣି



**ସାଲେପୁର,୧ ।୨(ସମିସ)**

ଚାଷ ଜମିକୁ ଘରବାରି କିସମରେ ପରିଣତ କରି ସେଥିରେ ଗୃହ ନିର୍ମାଣ କରି ବସବାସ କରୁଥିବା ଲୋକମାନେ ଚାଷ ଜମିକୁ ଜଳସେଚନ ହେଉଥିବା କାଡ଼ା ନାଳୀ ଗୁଡ଼ିକୁ ପୋତି ପକାଇବାରୁ ପାଣି ଗୁଡିକ ଚାଷ ଜମିରେ ଲହଡ଼ି ମାରୁଛି । ଫଳରେ ଚାଷୀମାନେ ନିଜର ଚାଷ କାର୍ଯ୍ୟ କରିବାରେ ଘୋର ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି । ପ୍ରକାଶ ଯେ, ସାଲେପୁର ତହସିଲ ଅନ୍ତର୍ଗତ ଚନ୍ଦ୍ରାଦେଇପୁର, ମାଛୁଆତି, ରୋଧପୁର, ଉତ୍ତରବଟେଶ୍ୱର ଆଦି ଅଞ୍ଚଳ ସାଲପୁର ସହରର ଏକ ପ୍ରମୁଖ ଅଞ୍ଚଳ ହୋଇଥିବାବେଳେ ଏହି ଅଞ୍ଚଳରେ ଥିବା ଚାଷ ଜମିକୁ ବହୁ ବ୍ୟକ୍ତି ମୋଟା ଅଙ୍କର ଅର୍ଥ ଦେଇ କ୍ରୟ କରି ଏହାକୁ ଘରବାରି କିସମ

## ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ

କରି ଗୃହ ନିର୍ମାଣ କରି ରହୁଛନ୍ତି । ଫଳରେ ଏହି ଅଞ୍ଚଳର ଚାଷ ଜମିକୁ ସରକାରଙ୍କ ପକ୍ଷରୁ ଜଳସେଚନ କରିବା ପାଇଁ ନାଳୀ ନିର୍ମାଣ କରାଯାଇଥିବାବେଳେ ଗୃହ ନିର୍ମାଣ କରି ରହୁଥିବା ବ୍ୟକ୍ତିବିଶେଷମାନେ ଏହି ନାଳୀକୁ ଅଧିକାଂଶ ସ୍ଥାନରେ ପୋତି ପକାଇବା ସହ କେତେକ ବ୍ୟକ୍ତି ଏହି ନାଳୀକୁ ନିଜର ଡ୍ରେନ୍ ପାଣି ଛାଡୁଛନ୍ତି । ନାଳୀର ବିଭିନ୍ନ ସ୍ଥାନରେ ପୋତାଯାଇଥିବାରୁ ଡ୍ରେନ୍ ପାଣି ଗୁଡିକ ନାଳି ମାଧ୍ୟମରେ ନିଷ୍କାସନ ହୋଇ ନ ପାରି ଚାଷ ଜମିରେ ଏହି ଆବର୍ଜନା ପାଣି ମାଡ଼ି ଯାଉଛି । ଫଳରେ ଚାଷୀମାନେ ଏହି ସବୁ କାରଣରୁ ନିଜ ଚାଷ ଜମିରେ ଚାଷ କାର୍ଯ୍ୟ ସୁଚାରୁ ରୂପେ କରିପାରୁନାହାଁନ୍ତି । ଏହି ଚିତ୍ର ଦେଖିବାକୁ ମିଳିଛି ବଟେଶ୍ୱର ଗହିରରେ । ବଟେଶ୍ୱର ଗହିରରେ ଥିବା ଚାଷ ଜମି ଗୁଡିକରେ ଏବେ ବଡ଼ ବଡ଼ ବିଲ୍ଡିଂ ମାନ ନିର୍ମାଣ କରି ବହୁ ବ୍ୟକ୍ତି ସପରିବାର ସହ ରହିଆସୁଛନ୍ତି । ଫଳରେ ଏହି ବିଲ୍ଡିଂ ପାଶ୍ୱର୍ ଦେଇ ଯାଇଥିବା କେନାଲକୁ ପୋତି ଜବରଦଖଲ କରିବା ସହ ଯାତାୟତ କରିବା ସହ ଘରର ଆବର୍ଜନା ପାଣି ବେଆଇନ୍ ଭାବେ ଏହି କେନାଲକୁ ଛାଡୁଛନ୍ତି । ଫଳରେ କେନାଲର ବିଭିନ୍ନ ସ୍ଥାନରେ ପୋତି ହୋଇଯାଇଥିବାରୁ ଆବର୍ଜନା ପାଣିଗୁଡିକ ଚାଷ ଜମିରେ ମାଡିଯାଉଛି । ଏ ନେଇ ସାଲେପୁର ତହସିଲଦାରଙ୍କ ଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହେଉଥିଲେ ହେଁ ଏ ଦିଗରେ କେହି କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ ହୋଇଛି ।

## ଅବସରକାଳୀନ ସମ୍ବର୍ଦ୍ଧନା ସଭା



**ବାଙ୍କୀ,୧।୨(ସମିସ):** ବାଙ୍କୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ତଥା ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଅର୍ଥନୀତି ବିଭାଗର ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ରାଜକିଶୋର ପାଲ୍‌ଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା କଲେଜ ଦୃଶ୍ୟ ଶ୍ରାବ ଗୃହରେ ପ୍ରଦାନ କରାଯାଇଛି । ଏହି ବିଦାୟକାଳୀନ ସଭାରେ ଅଧ୍ୟକ୍ଷ କ୍ୟାପଟେନ୍ ଭବାନୀ ପ୍ରସାଦ ହୋତା ସଭାପତିତ୍ୱ କରିଥିଲେ । ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ ମହାପାତ୍ର, ପ୍ରଶାସନକ ଅଧିକାରୀ ଡ. ନିରଞ୍ଜନ ମହାନ୍ତି, ଡ. ଶୈଳେନ୍ଦ୍ର ଚନ୍ଦ୍ର ଦେଓ, ଡ. ମୁରଲୀଧର ରଥ, ପ୍ରାଧ୍ୟାପକ ତ୍ରୈଲୋକ୍ୟନାଥ ଦାସ, ପ୍ରାଧ୍ୟାପକ ସମୀର ମହାପାତ୍ର, ପ୍ରାଧ୍ୟାପିକା ଗାୟତ୍ରୀ ନାୟକ, ଡ. ଅବନ୍ତୀକା କର, ଡ. ପ୍ରଦୀପ ଦେବତା, ପ୍ରାଧ୍ୟାପିକା ମିନତୀ ଧିର୍, କ୍ୟାପଟେନ୍ ଗୁରୁବାରୀ ସାହୁ, ପ୍ରାଧ୍ୟାପକ ପ୍ରମୋଦ ପଣ୍ଡା, ଡ. ଶଶିଭୂଷଣ ମହାପାତ୍ର, ଡ. ଚିନ୍ମୟ ଚିର ସୁନ୍ଦର ଦାଶ, ଅଧ୍ୟାପିକା ସରସ୍ୱତୀ ଦେଉରୀ, ଅଧ୍ୟାପକ ଯୋଗୀନାଥ ମଲ୍ଲିକ, ଅଧ୍ୟାପିକା ଚିନ୍ମୟୀ ମିଶ୍ର, ଅଧ୍ୟାପକ କେ.ଏମ୍.ସୁବାଶିଷ, ବୃନ୍ଦାବନ ପ୍ରଧାନ, ଡ. ଅଭିମନ୍ୟୁ ରଣା, ଅଧ୍ୟାପକ ରତ୍ନାକର ଦାଶ, ରମେଶ ଚନ୍ଦ୍ର ସାହୁ, ପ୍ରଭାତ ବଳିୟାର ସିଂହ ପ୍ରମୁଖ ବହୁ ଅଧ୍ୟାପକ, ଅଧ୍ୟାପିକା ଓ କର୍ମ.ରୀ ଯୋଗଦେଇ ଅବସରଗ୍ରହଣ କରୁଥିବା ପ୍ରାଧ୍ୟାପକଙ୍କ ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ । ଏହି ପରିପ୍ରେକ୍ଷୀରେ ପ୍ରାଧ୍ୟାପକ ପାଲ୍‌ଙ୍କୁ ଉପଢ଼ୌ÷କନ, ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ କଲେଜ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥି ସହିତ ପଦାର୍ଥ ବିଜ୍ଞାନ ବିଭାଗର କର୍ମ.ରୀ ନଗେନ୍ଦ୍ର କୁମାର ପଣ୍ଡାଙ୍କୁ ମଧ୍ୟ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଶେଷରେ ଡ. ଶୈଳେନ୍ଦ୍ର ଚନ୍ଦ୍ର ଦେଓ ଧନ୍ୟବାଦ ଅର୍ପଣ କରିଥିଲେ ।

## ଦ୍ୱିତୀୟ ବର୍ଷ ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା




**ନିଶ୍ଚିନ୍ତକୋଇଲି,୧।୨(ସମିସ):** ନିଶ୍ଚିନ୍ତକୋଇଲିର ଅଗ୍ରଣୀ ଶିକ୍ଷାନୁଷ୍ଠାନ କ୍ୟାରିୟର ପଏଣ୍ଟର ପ୍ରଥମ ବର୍ଷର ଛାତ୍ରଛାତ୍ରୀମାନେ ଦ୍ୱିତୀୟ ବର୍ଷର ବିଦ୍ୟାର୍ଥୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି । ଅନୁଷ୍ଠାନର ଅଧ୍ୟକ୍ଷା ପ୍ରମିଳା ସାହୁଙ୍କ ତତ୍ତ୍ୱାବଧାନରେ ଓମ୍ ମଣ୍ଡପଠାରେ ଆୟୋଜିତ ଏକ ବିଦାୟକାଳୀନ ସଭାରେ ଶିକ୍ଷାବିତ୍ ରଶ୍ମିରଞ୍ଜନ ସାମନ୍ତରାୟ ସଭାପତିତ୍ୱ କରିଥିଲେ । ପ୍ରଥମେ ଦ୍ୱିତୀୟ ବର୍ଷର ଅଭିଷେକ ନାୟକ, ସରୋଜ ବିଶୋଇ, ଦିପ୍ତୀମୟୀ ପ୍ରଧାନ, ଗାୟତ୍ରୀ ମହାରଣା, ଭାଗ୍ୟଶ୍ରୀ ନାୟକ, ଅରୂପାନନ୍ଦ ବେହେରା ପ୍ରମୁଖ ଛାତ୍ରଛାତ୍ରୀମାନେ ଶିକ୍ଷାନୁଷ୍ଠାନର ଆଦର୍ଶ ଏବଂ ଶିକ୍ଷାଦାନ ପଦ୍ଧତି ସଂକ୍ରାନ୍ତରେ ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ । ଏଥିôରେ ମୁଖ୍ୟଅତିଥି ଭାବେ ପିପି କଲେଜ ଶିକ୍ଷା ବିଭାଗର ଅଧ୍ୟାପକ ଡ. ଅଲେଖ ଚନ୍ଦ୍ର ସାମଲ, ମୁଖ୍ୟବକ୍ତା ଭାବେ ଶିକ୍ଷକ ଅକ୍ଷୟ ସାହୁ, ସମ୍ମାନୀତ ଅତିଥି ଭାବେ ରୁଦ୍ର ପ୍ରସାଦ ନନ୍ଦ, ସୌଭାଗ୍ୟରଞ୍ଜନ ଧଳ, ହିମାଂଶୁ ଶେଖର ପାତ୍ର, ବିଭୁପ୍ରସାଦ ମହାନ୍ତି, ଦିନେଶ ମହାନ୍ତି, ଶାରଦାପ୍ରସନ୍ନ ସ୍ୱାଇଁ, ଆଦିତ୍ୟ ଧନରାଜ ଶରଣ ପ୍ରମୁଖ ଯୋଗଦେଇଥିଲେ । ଅଧ୍ୟକ୍ଷା ପ୍ରମିଳା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## 'ଅଧୁନା ଭାରତରେ ଗାନ୍ଧୀବାଦର ପ୍ରାସଙ୍ଗିକତା' ଶୀର୍ଷକ ଆଲୋଚନାଚକ୍ର




**ଟିଗିରିଆ,୧।୨(ସମିସ):** ଟିଗିରିଆ ବ୍ଲକ ସଦର ମହକୁମାର ନିଜିଗଡସ୍ଥିତ ଗାନ୍ଧୀସ୍ମୃତି ପଡିଆରେ "ଅଧୂନା ଭାରତରେ ଗାନ୍ଧୀବାଦର ପ୍ରାସଙ୍ଗିକତା' ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ସୂଚନା ମୁତାବକ ଟିଗିରିଆ ବ୍ଲକ ବିଜୁ ଛାତ୍ର ଓ ଯୁବ ଜନତା ଦଳ ପକ୍ଷରୁ ଜାତୀର ଜନକ ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ତଥା ସହିଦ ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ବ୍ଲକ ବିଜୁ ଯୁବ ଜନତା ଦଳର ସଭାପତି ତୋଫାନି ସାମଲଙ୍କ ପୌରହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ତଥା ରାଜ୍ୟ କୃଷି କୃଷକ ସଶକ୍ତିକରଣ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ମୁଖ୍ୟବକ୍ତା ରୂପେ ରମାଦେବୀ ମହିଳା ବିଶ୍ୱ ବିଦ୍ୟାଳୟର ରାଜନୀତି ବିଭାଗ ଅଧ୍ୟାପକ ମାନସ ବେହେରା, ସମ୍ମାନୀତ ଅତିଥି ରୁପେ ପ୍ରଖ୍ୟାତ ଗାନ୍ଧୀବାଦ ନେତା ପ୍ରହଲ୍ଲାଦ ସିଂ ପ୍ରମୁଖ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଜୁ ଛାତ୍ର ଜନତା ଦଳର ସଭାପତି ହିଂମାଂଶୁ ଶେଖର ସ୍ୱାଇଁ, ବ୍ଲକ ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ଜିଲ୍ଲା ପରିଷଦ ସଭ୍ୟ ସଞ୍ଜୟ ମଲ୍ଲିକ, ଜିଲ୍ଲା ଯୋଜନା ବୋର୍ଡ ସଦସ୍ୟା ସସ୍ମିତା ରାଉତ, ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ଓଡ଼ିଶା ଜୈବବିବିଧତା ବୋର୍ଡ ପକ୍ଷରୁ ପ୍ରଶିକ୍ଷଣ ଶିବିର




**ଟିଗିରିଆ,୧।୨(ସମସ):** ଟିଗିରିଆ ବ୍ଲକ ସମ୍ମିଳନୀ କକ୍ଷରେ ଜୈବ ବିବିଧତା ସଂରକ୍ଷଣ ଓ ସଠିକ୍ ପରିଚାଳନା ସମ୍ପର୍କିତ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରଶିକ୍ଷଣ ଶିବିରରେ ସ୍ଥାନୀୟ ୧୦ଟି ଜୈବ ବିବିଧତା ପରିଚାଳନା ସମିତିର କର୍ମକର୍ତ୍ତା ୬୦ଜଣ ଅଂଶଗ୍ରହଣ କରିଥିଲେ । ଓଡିଶା ଜୈବ ବିବିଧତା ବୋର୍ଡ ପକ୍ଷରୁ ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରରେ ଟିଗିରିଆ ବିଡିଓ ପ୍ରଣବ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଅତିରିକ୍ତ ବିଡିଓ ଯାଜ୍ଞସେନୀ ଗୋଛାୟତ ପ୍ରଶିକ୍ଷଣ ଶିବିରକୁ ପରିଚାଳନା କରିଥିବା ବେଳେ ସାଧନବ୍ୟକ୍ତି ଭାବରେ ଓଡ଼ିଶା ଜୈବ ବିବିଧତା ବୋର୍ଡର ବୈଜ୍ଞାନିକ ଡା. ସତ୍ୟରଞ୍ଜନ ବେହେରା, ଡା. ପ୍ରସାଦ ଦାସ, ଡା. ଶୁଭ୍ରାଂଶୁ ନାୟକ ଏବଂ ପରିବେଶପ୍ରେମୀ ପ୍ରସନ୍ନ ବେହେରା ଯୋଗଦେଇଥିଲେ । ସ୍ଥାନୀୟ ଅଞ୍ଚଳରେ ଥିବା ଜଙ୍ଗଲ ସମ୍ପଦ, ଗୃହପାଳିତ ପଶୁ ସମ୍ପଦ ସହିତ ବନ୍ୟଜୀବ, ସରୀସୃପ, ଉଭୟଚର ପ୍ରାଣୀ ସହିତ ବିଭିନ୍ନ ଗଛ ଲତା ଉପରେ ଆଲୋଚନା କରାଯାଇଥିଲା । ଏହି ପ୍ରଶିକ୍ଷଣ ଶିବିର କାର୍ଯ୍ୟକ୍ରମରେ ସହଯୋଗୀ ଅନୁଷ୍ଠାନ ପ୍ରକୃତି ପରିବେଶ ଓ ବନ୍ୟଜୀବନ ସମିତିର ସଂଯୋଜକ ସୁବ୍ରତ କୁମାର ପ୍ରଧାନ, ପ୍ରିୟବ୍ରତ ବେହେରା, ଚନ୍ଦନ ନାଏକ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ ।

## ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କର ସାଧାରଣ ସଭା

**ବାଙ୍କୀ,୧।୨(ସମିସ):** ଆଜି ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ ପରିସରରେ ୧୦୬ତମ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ଗତ ସାଧାରଣ ସଭାର ବିବରଣୀ ପଠନ ଓ ଦୃଢ଼ିକରଣ ହେବା ସହ ୨୦୨୨-୨୩ ବର୍ଷର ଅଡିଟ୍ ରିପୋର୍ଟ ଉପସ୍ଥାପନ କରାଯାଇଛି । ଏଥିରେ ବ୍ୟାଙ୍କର ସଭାପତି ସୁବାସ ଚନ୍ଦ୍ର ପାଢୀ ସଭାପତିତ୍ୱ କରିଥିଲେ । ବାରଙ୍ଗ ବ୍ଲକରେ ଥିବା ୮ଟି ପଞ୍ଚାୟତ ଅନ୍ତର୍ଗତ ୫ଟି ସେବା ସମବାୟ ସମିତିକୁ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନକୁ ଆଣିବା ପାଇଁ ସାଧାରଣ ସଭାରେ ପ୍ରସ୍ତାବ ରଖିଥିଲେ । ଏହାକୁ ସର୍ବସମ୍ମତିକ୍ରମେ ସମସ୍ତ ସଭ୍ୟମାନେ ଅନୁମୋଦ କରିଥିଲେ । ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ସାମଲ ବାର୍ଷିକ ବିବରଣୀ ପଠନ କରିଥିଲେ । ସଭାରେ ନିର୍ଦ୍ଦେଶକ ଗତିକୃଷ୍ଣ ସ୍ୱାଇଁ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ନିର୍ଦ୍ଦେଶକ ଗୋ÷ରହରି ପରିଡା, ମନୋରଞ୍ଜନ ଦେଉରୀ, ଉପସଭାପତି ସୁଷମା ମହାରଣା, ଅଜୟ ରାଉତ ସମେତ ସମସ୍ତ ନିର୍ଦ୍ଦେଶକ ଯୋଗଦେଇଥିଲେ । ଶେଷରେ ନିର୍ଦ୍ଦେଶକ ଜ୍ଞାନରଞ୍ଜନ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ ।



## ଦୁର୍ଘଟଣାରେ ଶିକ୍ଷକ ଗୁରୁତର

**ସାଲେପୁର,୧ ।୨(ସମିସ):** ଆଜି ଏକ ସଡ଼କ ଦୁର୍ଘଟଣା ଘଟି ସାଲେପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଗୁରୁଜୀ ଆହତ ହୋଇଥିବା ଜଣାଯାଇଛି । ଖବରରୁ ପ୍ରକାଶ ଯେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଗୁରୁଜୀ ଅକ୍ଷୟ କୁମାର ନାୟକ ଅପରାହ୍ଣରେ ନିଜ ବାଇକ ଯୋଗେ ସାଲେପୁର-କୁଆଁପାଳ ରାସ୍ତାର ମଡ଼ଙ୍ଗା ନିକଟରେ ଯାଉଥିବାବେଳେ ବିପରୀତ ଦିଗରୁ ଦ୍ରୁତ ଗତିରେ ଆସୁଥିବା ଏକ ବୁଲେଟ୍ ତାଙ୍କୁ ଧକ୍କା ଦେବା ଫଳରେ ଗୁରୁଜୀ ଶ୍ରୀ ନାୟକ ରାସ୍ତା ଉପରେ ପଡିଯିବାରୁ ତାଙ୍କରେ ମୁଣ୍ଡରେ ଆଘାତ ଲାଗିଥିଲା । ତାଙ୍କୁ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିବାବେଳେ ସେଠାରେ ପ୍ରାଥମିକ ଚିକିତ୍ସା ପରେ କଟକ ବଡ଼ ମେଡ଼ିକାଲକୁ ଅଧିକ ଚିକିତ୍ସା ନିମନ୍ତେ ପଠାଯାଇଥିବା ଜଣାଯାଇଛି ।

## ୧.୯୫ କୋଟିର ରାସ୍ତା କାର୍ଯ୍ୟ ଶେଷ

ମାହାଙ୍ଗା,୧।୨(ସମିସ): କୋଠପଦା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୧୯ କିମି ରାସ୍ତାର ଉନ୍ନତିକରଣ ପାଇଁ ୧ କୋଟି ୯୫ ଲକ୍ଷ ଟଙ୍କାର ରାସ୍ତା କାର୍ଯ୍ୟ ଶେଷ ହୋଇଛି । ପ୍ରକାଶ ଯେ, ସମସରପୁର ପଞ୍ଚାୟତ ଜଶରାଜପୁର ଭାୟା ବାଜପୁରା ପର୍ଯ୍ୟନ୍ତ ଗେଙ୍ଗୁଟି ନଦୀବନ୍ଧ ରାସ୍ତା ୬ କିମି ପିଚୁ କରାଯାଇ ୬୦ଲକ୍ଷ ବ୍ୟୟବରାଦ ହୋଇ କାର୍ଯ୍ୟ ଶେଷ ହୋଇଛି । ସେହିପରି ମୂଳବସନ୍ତ ପଞ୍ଚାୟତ ସିପୁରାଠାରୁ ବାଲିପଡିଆ ପର୍ଯ୍ୟନ୍ତ ୧୦ କିମି ପିଚୁ ରାସ୍ତା କରାଯାଇ ୧ କୋଟି ଖର୍ଚ୍ଚ ହୋଇଥିବା ଜଣାଯାଇଛି । ସେହିପରି ଗୋପାଳପୁର ଠାରୁ କଲ୍ୟାଣପୁର ଗାନ୍ଧିଛକ ପର୍ଯ୍ୟନ୍ତ ୩ କିମି ପିଚୁ ରାସ୍ତା କରାଯାଇ ୩୫ ଲକ୍ଷ ବ୍ୟୟବରାଦ କରାଯାଇ ଉନ୍ନତିକରଣ ହୋଇଥିବା ନେଇ କନିଷ୍ଠଯନ୍ତ୍ରୀ ଜନ୍ ମଲ୍ଲିକ ସୂଚନା ଦେଇଛନ୍ତି ।

## ରାଜଲକ୍ଷ୍ମୀ ଆର୍ଯ୍ୟଙ୍କୁ ସମ୍ବର୍ଦ୍ଧନା



**ବାଙ୍କୀ,୧।୨(ସମିସ):** ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ରମୋଦୀଙ୍କ ପରୀକ୍ଷା ପେ ଚର୍ଚ୍ଚାରେ ଭାଗନେଇ ଉପଯୋଗୀ ପ୍ରଶ୍ନ ପଚାରିଥିବା ବାଙ୍କୀ ଆଦର୍ଶ ବିଦ୍ୟାଳୟର ଛାତ୍ରୀ ରାଜଲକ୍ଷ୍ମୀ ଆ.ର୍ଯ୍ୟଙ୍କୁ ତାଙ୍କ କଳାପଥର ବାସଭବନ ଠାରେ ବାଙ୍କୀ ବିଜେପି ନେତା ଶୁଭ୍ରାଂଶୁ ମୋହନ ପାଢୀ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଛନ୍ତି । ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ଭାଗନେଇଥିବା ରାଜଲକ୍ଷ୍ମୀ ବାଙ୍କୀର ଗୌରବ ବୋଲି ଶ୍ରୀ ପାଢୀ କହିବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ ।

## ଦେବବିଗ୍ରହ ସ୍ନାନ କାର୍ଯ୍ୟକ୍ରମ



ବାଙ୍କୀ,୧।୨(ସମିସ): ଡମପଡ଼ା ବ୍ଲକ ଅନ୍ତର୍ଗତ ବାଆଁରା ଗ୍ରାମସ୍ଥିତ ପ୍ରସିଦ୍ଧ ଶୈବପୀଠ ସୁବୁଦ୍ଧେଶ୍ୱରଙ୍କ ଦେବବିଗ୍ରହ ସ୍ନାନ ନୀତି ଅନୁଷ୍ଠିତ ହୋଇଯାଇଛି । ଦୀର୍ଘ ୭ ଶହ ବର୍ଷ ପୂର୍ବରୁ ଏଠାରେ ପ୍ରଭୁଙ୍କ ମନ୍ଦିର ସ୍ଥାପନ ହୋଇଥିଲା । ଏହି ଅବସରରେ ପ୍ରଭୁଙ୍କ ସ୍ନାନ ନୀତି ଅବସରରେ ସମସ୍ତ ପାଶ୍ୱର୍ ଦେବାଦେବୀ ମନ୍ଦିରରେ ସ୍ନାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପଣ୍ଡିତ ସୁବାସ ଚନ୍ଦ୍ର ପତି କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ । ଏହି ଅବସରରେ ବାଙ୍କୀର ପୂର୍ବତନ ବିଧାୟକ ଡ. ଦେବାଶିଷ ପଟ୍ଟନାୟକ ଯୋଗଦେଇଥିବାରୁ ଗ୍ରାମ କମିଟିର ପୂର୍ବତନ ସଭାପତି ପ୍ରଫେସ ରାଉତ, ତୋଫାନ ପ୍ରଧାନ, ପବିତ୍ର ସିଂହ, ବୁଧେଶ୍ୱର ଗୋଛି, ଗୋକୁଳାନନ୍ଦ ପ୍ରଧାନ ଓ ଶୁକଦେବ ରାଉତ ପ୍ରମୁଖ ଉପସ୍ଥିତ ରହି ପୂର୍ବତନ ବିଧାୟକ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

## ୧.୯୫ କୋଟିର ରାସ୍ତା କାର୍ଯ୍ୟ ଶେଷ

**ମାହାଙ୍ଗା,୧।୨(ସମିସ):** କୋଠପଦା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୧୯ କିମି ରାସ୍ତାର ଉନ୍ନତିକରଣ ପାଇଁ ୧ କୋଟି ୯୫ ଲକ୍ଷ ଟଙ୍କାର ରାସ୍ତା କାର୍ଯ୍ୟ ଶେଷ ହୋଇଛି । ପ୍ରକାଶ ଯେ, ସମସରପୁର ପଞ୍ଚାୟତ ଜଶରାଜପୁର ଭାୟା ବାଜପୁରା ପର୍ଯ୍ୟନ୍ତ ଗେଙ୍ଗୁଟି ନଦୀବନ୍ଧ ରାସ୍ତା ୬ କିମି ପିଚୁ କରାଯାଇ ୬୦ଲକ୍ଷ ବ୍ୟୟବରାଦ ହୋଇ କାର୍ଯ୍ୟ ଶେଷ ହୋଇଛି । ସେହିପରି ମୂଳବସନ୍ତ ପଞ୍ଚାୟତ ସିପୁରାଠାରୁ ବାଲିପଡିଆ ପର୍ଯ୍ୟନ୍ତ ୧୦ କିମି ପିଚୁ ରାସ୍ତା କରାଯାଇ ୧ କୋଟି ଖର୍ଚ୍ଚ ହୋଇଥିବା ଜଣାଯାଇଛି । ସେହିପରି ଗୋପାଳପୁର ଠାରୁ କଲ୍ୟାଣପୁର ଗାନ୍ଧିଛକ ପର୍ଯ୍ୟନ୍ତ ୩ କିମି ପିଚୁ ରାସ୍ତା କରାଯାଇ ୩୫ ଲକ୍ଷ ବ୍ୟୟବରାଦ କରାଯାଇ ଉନ୍ନତିକରଣ ହୋଇଥିବା ନେଇ କନିଷ୍ଠଯନ୍ତ୍ରୀ ଜନ୍ ମଲ୍ଲିକ ସୂଚନା ଦେଇଛନ୍ତି ।

## ନିମ୍ନମାନର ପାଚେରି ନିର୍ମାଣ ଅଭିଯୋଗ

**ସାଲେପୁର,୧ ।୨(ସମିସ):** ନିମ୍ନମାନର କାର୍ଯ୍ୟ ଯୋଗୁ ସାଲେପୁର ହାଇସ୍କୁଲର ପଡ଼ିଆର ପଶ୍ଚିମ ପାଶ୍ୱର୍ରେ ନିର୍ମାଣ କରାଯାଉଥିବା ପାଚେରୀ ଅତ୍ୟନ୍ତ ନିମ୍ନମାନର ହେଉଥିବା ନେଇ ଅଭିଯୋଗ ହେଉଛି । ୧୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେଉଥିବା ଏହି ପାଚେରୀ ନିର୍ମାଣ କାର୍ଯ୍ୟରେ ନିମ୍ନମାନର ବାଲି, ସିମେଣ୍ଟ୍ ଓ ଇଟା ବ୍ୟବହାର କରାଯାଉଥିବା ନେଇ ବହୁ ବ୍ୟକ୍ତି ଅଭିଯୋଗ କରିଛନ୍ତି । ଅପର ପକ୍ଷରେ ପାଚେରୀ ନିର୍ମାଣ ନାମରେ ପାଶ୍ୱର୍ରେ ଥିବା ଡ୍ରେନ୍‌କୁ ମାଟି ପକାଇ ପୋତିଦେବାରୁ ଆବର୍ଜନା ପାଣି ଡ୍ରେନ୍ ମାଧ୍ୟମରେ ନିଷ୍କାସିତ ହୋଇ ନ ପାରି ଦୁର୍ଗନ୍ଧମୟ ବାତାବରଣ ସୃଷ୍ଟି କରିଛି । ଏବେ ଏହି ନିର୍ମାଣ କାର୍ଯ୍ୟ ଚାଲିଥିବାବେଳେ କୌଣସି ବିଭାଗୀୟ ଯନ୍ତ୍ରୀ କିମ୍ବା ଅଧିକାରୀଙ୍କ ସେଠାରେ ଦେଖା ମିଳୁନାହିଁ । ଫଳରେ ଠିକାଦାର ମନଇଚ୍ଛା ଓ ନିମ୍ନମାନର ସାମଗ୍ରୀ ବ୍ୟବହାର କରିବା ସହ ସେଥିରେ ପାଣି ଦିଆଯାଉ ନ ଥିବା ନେଇ ଅଭିଯୋଗ ହେଉଛି । ବିଭାଗୀୟ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

## ପ୍ରଧାନଶିକ୍ଷକଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମ୍ମାନ



**ନିଶ୍ଚିନ୍ତକୋଇଲି,୧।୨(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ କେନ୍ଦୁପାଟଣା ଘେୱାରଚାନ୍ଦ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଏଲିମେଣ୍ଟାରୀ ପ୍ରଧାନଶିକ୍ଷକ ସୁଶିଲ ଚକ୍ରବର୍ତ୍ତୀଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ସମ୍ମାନ ପ୍ରଦାନ କରାଯାଇଛି । ଶିକ୍ଷକତା ଜୀବନରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ତାଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ଉକ୍ତ ପୁରସ୍କାର ଦେବା ପାଇଁ ମନୋନୀତ କରାଯାଇଥିଲା । ଭୁବନେଶ୍ୱର କଳିଙ୍ଗ ଷ୍ଟାଡ଼ିୟମ ପରିସରରେ ଆୟୋଜିତ ଏକ ସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇ ଏହି ସମ୍ମାନ ପ୍ରଦାନ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ସହିତ ଆମ ଓଡ଼ିଶା ନବୀନ ଓଡ଼ିଶାର ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ଶିକ୍ଷାମନ୍ତ୍ରୀ ସୁଦାମ ମାରାଣ୍ଡୀ, ପଞ୍ଚାୟତରାଜ ମନ୍ତ୍ରୀ ପ୍ରଦିପ ଅମାତ୍, ହରିଜନ ଓ ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା, ଶିକ୍ଷା ସଚିବ ଅଶ୍ୱସ୍ତୀ ଏସ, ମୋ ସ୍କୁଲ ଅଭିଯାନର ଅଧ୍ୟକ୍ଷ ସୁବ୍ରତ ବାଗଚୀ ଓ ସୁସ୍ମିତା ବାଗଚୀ ପ୍ରମୁଖ ଯୋଗଦେଇଥିଲେ । ଏଭଳି ସମ୍ମାନ ପାଇ ଶ୍ରୀ ଚକ୍ରବର୍ତ୍ତୀ ବିଦ୍ୟାଳୟକୁ ଗୌରବାନ୍ୱିତ କରିଥିବାରୁ ତାଙ୍କୁ ବିଦ୍ୟାଳୟ ପକ୍ଷରୁ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ପରିଚାଳନା କମିଟିର ସଭ୍ୟ ସଭ୍ୟା ଓ ଗ୍ରାମବାସୀ ପୁଷ୍ପଗୁଚ୍ଛ, ଉତ୍ତରୀୟ ପ୍ରଦାନ କରି ସ୍ୱାଗତ ଶୁଭେଚ୍ଛା ଜ୍ଞାପନ କରିଛନ୍ତି ।

## କୃତୀ ଛାତ୍ରଙ୍କୁ ପୁରସ୍କାର ପ୍ରଦାନ



**ଟାଙ୍ଗୀ,୧ ।୨(ସମିସ):** ଟାଙ୍ଗୀ ଚୌଦ୍ୱାର ବ୍ଲକ ଅନ୍ତର୍ଗତ ଗରୁଡ଼ ଗାଁ ସରକାରୀ ପ୍ରାଥମିକ ବିଦ୍ୟାଳୟର ଦୁଇଜଣ ମେଧାବୃତ୍ତି ପାଇଥିବା ଛାତ୍ରଙ୍କୁ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିବା ପୁରସ୍କାର ବିତରଣ ଉତ୍ସବରେ ପୁରସ୍କାର ପ୍ରଦାନ କରାଯାଇଛି । କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷୟିତ୍ରୀ କୁନି ଦେଇ ସଭାପତିତ୍ୱ କରିଥିଲାବେଳେ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଦିପ୍ତିମୟୀ ବେହେରା, ପ୍ରାକ୍ତନ ସରପଞ୍ଚ ସୁବୋଧ ସାମଲ ପ୍ରମୁଖ ଯୋଗଦାନ କରି ବିଦ୍ୟାଳୟର ମେଧାବୃତ୍ତି ପାଇଥିବା ତୃତୀୟ ଶ୍ରେଣୀ ଛାତ୍ର ସୁଶାନ୍ତ ନାୟକ ଓ ପଞ୍ଚମ ଶ୍ରେଣୀ ଛାତ୍ର ଓମ୍ ପ୍ରକାଶ ସାହୁଙ୍କୁ ପୁରସ୍କାର ପ୍ରଦାନ କରି ଉଭୟ ଛାତ୍ରଙ୍କ ଭବିଷ୍ୟତ ଉଜ୍ଜ୍ୱଳ କାମନା କରିବା ସହ ଶିକ୍ଷୟିତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାଳୟର ଶିକ୍ଷୟିତ୍ରୀ ନୀଳୋତ୍ପଳ ମୁଦୁଲି ଅତିଥି ପରିଚୟ କରିଥିଲାବେଳେ ଶିକ୍ଷା କମିଟି ସଦସ୍ୟ ନାରାୟଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

### ଭର୍ଚୁଆଲରେ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

# ଡାଏଲିସିସ୍ ସହାୟ କେନ୍ଦ୍ର ଉଦ୍‌ଘାଟିତ

**ଟିଗିରିଆ,୧।୨(ସମିସ)**

ରାଜ୍ୟର ଜନସାଧାରଣଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇବା ଏବଂ ସୁସ୍ଥ ଓଡିଶା ଓ ସୁଖି ଓଡିଶାକୁ ଲକ୍ଷ୍ୟରେ ରଖି ମୁଖ୍ୟମନ୍ତ୍ରୀ ଡାଇଲିସିସି ସେବା ସହାୟର ଯୋଜନା ୨୦୧୮ ମସିହାରେ ଲାଗୁ କରିଥିଲେ । ଏହି କାର୍ଯ୍ୟଧାରାକୁ ନଜରରେ ରଖି ଆଜି ଟିଗିରିଆ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ଅନୁଷ୍ଠିତ ଏହି ଚାରି ଶଯ୍ୟା ବିଶିଷ୍ଟ ସହାୟ କେନ୍ଦ୍ରକୁ ଆଭାସୀ ବୈଠକ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଉଦଘାଟନ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଆଜି ଟିଗିରିଆ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଅନୁଷ୍ଠିତ ଉଦଘାଟନୀ ସଭାରେ ସ୍ଥାନୀୟ ବିଧାୟକ ତଥା କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଅଧ୍ୟକ୍ଷତା କରି ଟିଗିରିଆ ଗୋଷ୍ଠି କେନ୍ଦ୍ରରେ ଡାଇଲିସିସି





ସେବା ସହାୟ ସାଧାରଣ ଜନତାଙ୍କ ପାଇଁ ସମର୍ପଣ କରିଥିବାରୁ ଆଠଗଡ ବାସୀ ତଥା କଟକବାସୀଙ୍କ ପକ୍ଷରୁ ଧନ୍ୟବାଦ ପ୍ରଦାନ କରିଥିଲେ । ଏହା ସହିତ ପ୍ରତିଟି ଜୀବନ ମୂଲ୍ୟବାନ ଏହାକୁ ଦୃଷ୍ଟିରେ ରଖି ମାନ୍ୟବର ମୁଖ୍ୟମନ୍ତ୍ରୀ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ, ନିରାମୟ, ନିଦାନ, ସ୍ୱାସ୍ଥ୍ୟ ସହାୟ, ସୁନେତ୍ର, ନିଃଶୁଳ୍କ ରକ୍ତ ଭଣ୍ଡାର ସେବା, କର୍କଟ ରୋଗ ସେବା, ନିର୍ମଳ ଆଦି ବିଭିନ୍ନ ଯୋଜନା ମାନ ଲାଗୁ କରିଛନ୍ତି ଯାହାର ସୁଫଳ ରାଜ୍ୟବାସୀ ପାଇ ପାରୁଛନ୍ତି । ଏହାସହିତ ବିଜୁସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ନବୀନ ସ୍ୱାସ୍ଥ୍ୟ କାର୍ଡର ଶୁଭାରମ୍ଭ କରାଯାଇ ରାଜ୍ୟର କେବଳ ସରକାରୀ କର୍ମଚାରୀ ଏବଂ ଆୟକର ଦାତାଙ୍କୁ ଛାଡି ଅନ୍ୟ ସମସ୍ତଙ୍କୁ ଏଥିରେ ସାମିଲ କରାଯାଇଛି ଯାହାକି ରାଜ୍ୟର ୯୦ ଭାଗ ଜନସାଧାରଣଙ୍କୁ ଏଥରରେ ସାମିଲ କରାଯିବାକୁ ଲକ୍ଷ୍ୟ ରଖାଯାଇଥିବା ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଭିନୀତ ଭରଦ୍ୱାଜ, ଜିଲ୍ଲାସ୍ୱାସ୍ଥ୍ୟ ଅଧିକାରୀ ମକରନ୍ଦ ବେଉରା, ଉପଜିଲ୍ଲାପାଳ ପ୍ରଶାନ୍ତ ତରାଇ, ନଗର ଉନ୍ନୟନ ନିର୍ଦ୍ଦେଶକ ହେମନ୍ତ ସ୍ୱାଇଁ, ଏବଂ ବ୍ଲକ ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ଜିଲ୍ଲାପରିଷଦ ସଭ୍ୟ ସଞ୍ଜୟ ମଲ୍ଲିକ ଏବଂ ସସ୍ମିତା ରାଉତଙ୍କ ସମେତ ବିଭିନ୍ନ ପଞ୍ଚାୟତର ବହୁ ଲୋକପ୍ରତିନିଧି ମହିଳା ସ୍ୱୟଂ ସହାୟିକା ଗୋଷ୍ଠିର ସଭ୍ୟା ଓ ସାଧାରଣ ଜନତା ଯୋଗଦେଇଥିଲେ ।

# ଚାରିଛକ-ଖଳିମାଟି ମୁଖ୍ୟରାସ୍ତା ମରଣଯନ୍ତା

ବଡ଼ମ୍ବା, ୧୨(ସମିସ)



ସମସ୍ୟାରେ ୧୫ଟି ଗ୍ରାମର ଜନସାଧାରଣ

ରାସ୍ତା ପାଲଟିଛି ମରଣଯନ୍ତା ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। କଟକ ଜିଲ୍ଲା ବଡମ୍ବା ବ୍ଲକ ସନବାରସିଂହ ଗ୍ରାମପଞ୍ଚାୟତ ଚାରିଛକ ଠାରୁ ଖଳିମାଟି ଗ୍ରାମକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତା ପାଲଟିଛି ମରଣଯନ୍ତା ଏହି ରାସ୍ତା ଉପରେ ନିର୍ଭର କରୁଥିବା ୧୫ରୁ ଊର୍ଦ୍ଧ୍ୱ ଗାଁର ଜନ ସାଧାରଣ ଅନେକ ସମୟରେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେବାର ଅଭିଯୋଗ ହୋଇଛି। ପ୍ରାୟ ୫ କିଲୋମିଟର ଦୂରରୁ ଶୋରୁଆ ଗାଲୁଆମଡା ଖଳିମାଟି ରାମପୁରୁ ବାଣପୁରୁ କୋଟପଲ୍ଲା ଭଳି ଅନେକ ଗ୍ରାମର ଛାତ୍ରଛାତ୍ରୀ ଏହି ରାସ୍ତା ଦେଇ ବିଦ୍ୟାଳୟ ଯିବା ଆସିବା ସମୟରେ ଅନେକ ଥର ଦୁର୍ଘଟଣାର ସମ୍ମୁଖୀନ ହୋଇଥିବା ଅଭିଯୋଗ ହୋଇଛି। ରାସ୍ତାଟି ମରାମତି ଦୁଇବର୍ଷ ପୂରଣ ନ ହେଉଣୁ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ବିଭାଗୀୟ ଜେଇ ଓ କଣ୍ଟ୍ରାକ୍ଟରଙ୍କ ସଲାସୁତାରାରେ ଅଞ୍ଚଳବାସୀ ବଳି ପଡୁଥିବା ନେଇ ଅଭିଯୋଗ ହୋଇଛି। ଏହି ରାସ୍ତାଟି ଆରଡି ବିଭାଗ ଦ୍ୱାରା ନିର୍ମାଣ କରାଯାଇଥିଲା ହେଲେ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଗୁହାରି ସତ୍ୱେ କିଛି ଫରକ ପଡୁନାହିଁ। ରାସ୍ତାର କ୍ଷମତା ୧୫ ଟନ ପରିମିଟି ଥିବାବେଳେ ୩୦ ଟନର ଚାଉଳ ବୋଝେଇ ଟ୍ରକ ନୂଆ କରି ହୋଇଥିବା ଏକ ଚାଉଳ ଗୋଦାମକୁ ଯାଉଛି। ଅନେକ ସମୟରେ ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରିବା ସତ୍ତ୍ୱେ ବି କିଛି ଫରକ ପଡୁନି। ତୁରନ୍ତ ରାସ୍ତା ପ୍ରତି ଧ୍ୟାନ ଦେବାକୁ ସାଧାରଣରେ ଦାବି ହେଉଛି।

## ୪ରୁ ରାଜ୍ୟସ୍ତରୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

ବାଙ୍କୀ, ୧୨(ସମିସ): ବାଙ୍କୀ ଆଥେଲେଟିକ୍ ଆସୋସିଏସନ୍ ଆନୁକୂଲ୍ୟରେ ଚଳିତ ବର୍ଷ ପ୍ରାଣକୃଷ୍ଣ ସାହୁ ଓ ହୃଷିକେଷ ସାହୁ ମେମୋରିଆଲ୍ କପ୍ ରାଜ୍ୟସ୍ତରୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ୪ରୁ ଆରମ୍ଭ ହେବ ବୋଲି ସାଧାରଣ ସମ୍ପାଦକ ସନ୍ତୋଷ ରଣା ପ୍ରକାଶ କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟ ବାଙ୍କୀ କଚେରୀ ପଡ଼ିଆରେ ୪ ତାରିଖ ଦିନ ପ୍ରଥମ ମ୍ୟାଚରେ ଆଠଗଡ଼ ସ୍ଥିତ ଖୁଣ୍ଟକଟା ଫୁଟବଲ୍ ଟିମ୍ ସହିତ ଢେଙ୍କାନାଳର ପପୁଲାର୍ କପ୍ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଅନୁଷ୍ଠିତ ହେବ। ୮ ରେ ପ୍ରଥମ ସେମିଫାଇନାଲ ୯ ରେ ଦ୍ୱିତୀୟ ସେମିଫାଇନାଲ୍ ମ୍ୟାଚ୍ ୧୧ତାରିଖରେ ଫାଇନାଲ ମ୍ୟାଚ ହେବ ବୋଲି ସାଧାରଣ ସମ୍ପାଦକ ଶ୍ରୀ ରଣା ପ୍ରକାଶ କରିଛନ୍ତି।

## ଓଲଟିଲା ବସ୍; ୨୫ ଯାତ୍ରୀ ଆହତ

ଚୌଦ୍ୱାର, ୧୨(ସମିସ): ୫୫ନଂ ଜାତୀୟ ରାଜପଥର ଚୌଦ୍ୱାର ଥାନା ଅନ୍ତର୍ଗତ ନୂଆପାଟଣା ଛକ ନିକଟରେ ଗୁରୁବାର ଭୋର ସମୟରେ ଏକ ଯାତ୍ରୀବାହୀ ବସ୍ ରାସ୍ତା ଉପରେ ଓଲଟି ପଡ଼ିବା ଫଳରେ ବସ୍‌ରେ ଥିବା ଯାତ୍ରୀଙ୍କ ମଧ୍ୟରୁ ୨୫ ଜଣ ଆହତ ହୋଇଛନ୍ତି। ଚୌଦ୍ୱାର ପୁଲିସ ଆହତ ମାନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ କଟକ ବଡ଼ ମେଡ଼ିକାଲକୁ ପଠାଇଛି। ଆହତଙ୍କ ମଧ୍ୟରେ ମହିଳା ଓ ଛୋଟପିଲା ଥିବା ସୂଚନା ମିଳିଛି। ଆହତମାନେ ସମସ୍ତେ ଦେବଗଡ଼ ଅଞ୍ଚଳର ବୋଲି ପୁଲିସ ସୂଚନା ଦେଇଛି। ମିଳିଥିବା ସୂଚନା ଅନୁଯାୟୀ ଓଡ଼ି ୦୫ ବିକେ ୫୪୭୫ ନମ୍ବର ଥିବା ଶ୍ରୀଲକ୍ଷ୍ମୀ ନାମକ ବସ୍‌ଟି ୪୦ଜଣ ଯାତ୍ରୀଙ୍କୁ ନେଇ ଦେବଗଡ଼ରୁ ଭୁବନେଶ୍ୱର ଅଭିମୁଖେ ଯାଉଥିଲା। ରାତି ପ୍ରାୟ ୩ଟା ସମୟରେ ବସ୍‌ଟି ୫୫ନଂ ଜାତୀୟ ରାଜପଥର ନୂଆପାଟଣା ଗଡ଼ା ନିକଟରେ ରାଜପଥରୁ ବୁଲି ନୂଆପାଟଣା ରାସ୍ତାଦେଇ ମଧୁ ସେତୁ ଅଭିମୁଖେ ଯାଉଥିବାବେଳେ ନୂଆପାଟଣା ଛକ ଉପରେ ରାସ୍ତାମଝିରେ ଥିବା ଡିଭାଇଡ଼ରରେ ପିଟି ହେବା ଫଳରେ ବସ୍‌ଟି ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡ଼ିଥିଲା। ଖବରପାଇ ଚୌଦ୍ୱାର ଥାନା ପୁଲିସ ଓ ଚୌଦ୍ୱାର ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଚିକିତ୍ସା ପାଇଁ ପଠାଇବା ସହିତ ବସ୍‌ଟିକୁ କ୍ରେନ୍ ସାହାଯ୍ୟରେ ରାସ୍ତାରୁ ଉଠାଇଥିଲେ।

## ସମ୍ବର୍ଦ୍ଧନା ପରେ ଆଖି ବୁଜିଲେ କୁଞ୍ଜ ନନା



ଟାଙ୍ଗୀ, ୧୨(ସମିସ): ଟାଙ୍ଗୀ-ଚୌଦ୍ୱାର ବ୍ଲକ ମୁଖ୍ୟାଳୟ ଟାଙ୍ଗୀର ପ୍ରସିଦ୍ଧ ପୁଷ୍ୟାଭିଷେକ ମହୋତ୍ସବର ଶେଷ ସନ୍ଧ୍ୟାରେ ମଦନମୋହନ ଡ୍ରାମାଟିକ କ୍ଲବ ପକ୍ଷରୁ ମଞ୍ଚରେ ସମ୍ବର୍ଦ୍ଧିତ ହେବାର କିଛି ସମୟ ମଧ୍ୟରେ କୁଞ୍ଜ ନନା ଓରଫ କୁଞ୍ଜବିହାରୀ ଷଡ଼ଙ୍ଗୀ(୫୬) ହୃଦଘାତରେ ଆଖିବୁଜିବା ଘଟଣା ସମଗ୍ର ଅଞ୍ଚଳରେ ଗୁରୁବାର ଚର୍ଚ୍ଚାକୁ ଆସିଛି। ଟାଙ୍ଗୀ-ଚୌଦ୍ୱାର ବ୍ଲକ ବୈଦିକ ସମାଜର ଉପସଭାପତି ରହିଥିବା ସ୍ୱର୍ଗତଃ ଷଡ଼ଙ୍ଗୀ ନିଜର ପାଣ୍ଡିତ୍ୟ ଯୋଗୁଁ ଅଞ୍ଚଳରେ ସୁନାମ ଅର୍ଜନ କରିଥିଲେ। ଶାରିରୀକ ଅସୁସ୍ଥତା ସତ୍ତ୍ୱେ ଟାଙ୍ଗୀ ଜାକେନା ନିବାସୀ ସ୍ୱର୍ଗତଃ ଷଡ଼ଙ୍ଗୀଙ୍କୁ ମଦନମୋହନ ସାହି ମଞ୍ଚରେ ବୁଧବାର ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧନା ଉତ୍ସବ ପରେ ଜାକେନାସ୍ଥିତ ବାସଭବନରେ ପହଞ୍ଚିବା କ୍ଷଣି ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ତୁରନ୍ତ ତାଙ୍କୁ ସ୍ଥାନୀୟ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କର ମରଶରୀରକୁ ଟାଙ୍ଗୀ ପରିକ୍ରମା କରାଯାଇ ଗ୍ରାମସ୍ଥ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ସ୍ଥାନୀୟ ବିଧାୟକ ପ୍ରଶାନ୍ତ ବେହେରା, ଟେଟ୍ରାହୋଡେନ ଶିକ୍ଷା ଅନୁଷ୍ଠାନର ମୁଖ୍ୟ ତ୍ରିଦିବ ବେହେରା, ଓସିଏଲ୍ ଅଧିକୃତ ସିମେଣ୍ଟ କମ୍ପାନୀ କପିଳାସ ସିମେଣ୍ଟ ମାନୁଫାକ୍‌ଚରିଂର ମାନବ ସମ୍ବଳ ଅଧିକାରୀ ଅଜିତ ପାରିକର, ସାମାଜିକ କର୍ମୀ ବାପୁପ୍ରିୟ ରଘୁପତି ରାମ, ପ୍ରାକ୍ତନ ସରପଞ୍ଚ ଅମୂଲ୍ୟ ସାହୁ, ଆକାଶ ପାତ୍ର, ଡା.ଶକ୍ତି ପ୍ରସାଦ ସାହୁ, ଆଶିଷ ଷଡ଼ଙ୍ଗୀ ଓ ପରମଜିତ ମହାନ୍ତି ପ୍ରମୁଖ ଶତାଧିକ ବ୍ୟକ୍ତି ଶ୍ରୀ ଷଡ଼ଙ୍ଗୀଙ୍କ ଶେଷ ଦର୍ଶନ ପୂର୍ବକ ଅମର ଆତ୍ମାର ସଦଗତି କାମନା କରିଥିଲେ।

## ମୁଣ୍ଡମୁହାଣ ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ




ବାରଙ୍ଗ, ୧୨(ସମିସ): ବାରଙ୍ଗ ବ୍ଲକ ଅନ୍ତର୍ଗତ ମୁଣ୍ଡମୁହାଣ ନୋଡାଲ ଉଚ୍ଚ ବିଦ୍ୟାଳୟର ୫୨ତମ ବାର୍ଷିକ ଓ ପୁରସ୍କାର ବିତରଣ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ଏସଏମସି ଚେୟାର ପର୍ସନ ସୁରେଶ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ବାଙ୍କୀର ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ମୁଖ୍ୟବକ୍ତା ପ୍ରଭା ରାଉତରାୟ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ତ୍ରିଭୁବନ ଷଡଙ୍ଗୀ ଯୋଗଦେଇଥିବାବେଳେ ସମ୍ମାନୀୟ ଅତିଥିଭାବେ ବାରଙ୍ଗ ବ୍ଲକ ଅଧକ୍ଷା ସାବିତ୍ରୀ ଦଳାଇ, ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଶ୍ୱରଞ୍ଜନ ବିଶ୍ୱାସ, ବ୍ଲକ ମିଶନଶକ୍ତି ଅଧକ୍ଷା ସୁମିନା ପ୍ରଧାନ, ଆମ୍ବ ଅଧକ୍ଷ ଅଶୋକ ରାଉତ, ଜିଲ୍ଲା ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ନାୟକ, ବାରଙ୍ଗ ବ୍ଲକ ଶିକ୍ଷାଧିକାରୀ ବିଭୂତି ଭୂଷଣ ବେହେରା, ସମିତିସଭ୍ୟା ପ୍ରାଚିନା ଦାସ, ଛାତ୍ର ସଂସଦର ପୁରାତନ ସଭାପତି ସୁକାନ୍ତ ବେହେରା, ଏସଏମସିର ସଭାପତି ବିଜୟ ରାଉତ ଯୋଗଦେଇଥିଲେ। ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ଟୁଲୁବାଳା ସାହୁ ବିବରଣୀ ପାଠ କରିଥିବାବେଳେ ସହକାରୀ ଶିକ୍ଷୟିତ୍ରୀ ସିଦ୍ଧେଶ୍ୱରୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ମୁଣ୍ଡମୁହାଣ ନୋଡାଲ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଦିବ୍ୟଜ୍ୟୋତି ଯୁବ ପରିଷଦର କ୍ରୀଡ଼ା ଉତ୍ସବ

ଚୌଦ୍ୱାର, ୧୨(ସମିସ)



ଚୌଦ୍ୱାର ପୌରପାଳିକା ଅନ୍ତର୍ଗତ ପାଇକରାପୁରସ୍ଥିତ ଦିବ୍ୟଜ୍ୟୋତି ଯୁବ ପରିଷଦ ଆନୁକୂଲ୍ୟରେ ୨୪ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଦୈତ୍ୟାରୀ ଭଦ୍ରଙ୍କ ସଭାପତିତ୍ୱରେ ପାଇକରାପୁର ପ୍ରଥମିକ ବିଦ୍ୟାଳୟ ଖେଳପଡ଼ିଆରେ ଆୟୋଜିତ ଏହି ଉତ୍ସବକୁ ସମାଜସେବୀ ଛବିରାଣୀ ରାଉତ ଉଦ୍‌ଘାଟନ କରିଥିଲେ। ପିତାମ୍ବର ସ୍ୱାଇଁ, ସର୍ବେଶ୍ୱର ପାହାଡ଼ସିଂ, ରମେଶ ଚନ୍ଦ୍ର ନାୟକ ପ୍ରମୁଖ ଏଥିରେ ଅତିଥି ଭାବେ ଯୋଗଦେଇଥିଲେ। ପୂର୍ବତନ ପ୍ରତିଷ୍ଠାତା ସଭାପତି ପ୍ରଭାକର ସାହୁଙ୍କ ପୌରୋହିତ୍ୟରେ ମଙ୍ଗଳବାର ସଂଧ୍ୟାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳ, ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଶିକ୍ଷାବିତ୍ ଭାରତୀ ମହାନ୍ତି, ପ୍ରତିମା ପ୍ରଧାନ, କାଉନସିଲର ଅଜୟ ବେହେରା, ଅଜିନୀ ବେହେରା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଆନନ୍ଦ ଚନ୍ଦ୍ର ବରାଳ, ପ୍ରଭାତ ସ୍ୱାଇଁ, ଜ୍ଞାନରଞ୍ଜନ ସାସମଲ ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ। ଏହି ଅବସରରେ ଇମ୍ଫା ଆନୁକୂଲ୍ୟରେ ପୁନରୁଦ୍ଧାର ହୋଇଥିବା କ୍ଲବ୍ ଗୃହକୁ ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ ଉଦ୍‌ଘାଟନ କରିଥିଲେ। ଇମ୍ଫା ଜିଏମ୍ ଶାରଦା ପ୍ରସାଦ ରାଓ ଓ ଡିଜିଏମ୍ ଧ୍ରୁବ ଚରଣ ରାଉତ ଏଥିରେ ଅତିଥି ଭାବେ ଯୋଗ ଦେଇଥିଲେ।

## ଫାର୍ମ ହାଉସ ପୋଖରୀରୁ ମୃତଦେହ ଉଦ୍ଧାର

ଟାଙ୍ଗୀ, ୧୨(ସମିସ)

ଗୁରୁବାର ପୂର୍ବାହ୍ନରେ କଟକ ଜିଲ୍ଲା ଟାଙ୍ଗୀ ଥାନା ତଥା କହ୍ନେଇପୁର ପଞ୍ଚାୟତ ବଡ଼ ପୋଖରୀ ମୌଜାସ୍ଥିତ ଏକ ଫାର୍ମ ହାଉସ ପୋଖରୀରୁ ଜଣେ ଆଦିବାସୀ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକଙ୍କ ଗୋଟିଏ ଗୋଡ଼ରେ ଚପଲ ପିନ୍ଧିଥିବାବେଳେ ପକେଟରୁ ଏକ ମୋବାଇଲ ଫୋନ ଓ ଗୁଟଖା ପୁଲିସ ଜବତ କରିବା ସାଧାରଣରେ ଆଲୋଡ଼ନ ସୃଷ୍ଟି କରିଛି। ମୃତକ ଜଣକ ସ୍ଥାନୀୟ ଚାରିଘରିଆ ବସ୍ତିର ୪୫ ବର୍ଷୀୟ ବିଦ୍ୟାଧର ତିରିଆ ବୋଲି ଜାଣିବାକୁ ମିଳିଛି। ଟାଙ୍ଗୀ ପୁଲିସ ଓ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର ପୂର୍ବକ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ମୃତକଙ୍କ ପରିବାର ପକ୍ଷରୁ ହତ୍ୟା ଅଭିଯୋଗ ଅଣାଯାଇ କ୍ଷତିପୂରଣ ଦାବି ହୋଇଥିଲାବେଳେ ତଦନ୍ତ ପରେ ସ୍ଥିତି ସ୍ପଷ୍ଟ ହେବ ବୋଲି ଆଇଆଇସି ସମରେନ୍ଦ୍ର ପାଇକରାୟ ସୂଚନା ଦେଇଛନ୍ତି। ମିଳିଥିବା ତଥ୍ୟ ଅନୁଯାୟୀ ମୃତ ବିଦ୍ୟାଧର ଉକ୍ତ ଫାର୍ମ ହାଉସରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ପ୍ରତିଦିନ ଘରୁ ଯିବାଆସିବା କରୁଥିବା ବିଦ୍ୟାଧର ଗତ ୩୦ ତାରିଖ ମଙ୍ଗଳବାର ଠାରୁ ଘରୁ ଆସି ଆଉ ଫେରି ନ ଥିଲେ। ଫାର୍ମ ହାଉସ କାମରେ ଅଟକି ଥିବ ବୋଲି ପରିବାର ଲୋକେ ଭାବି ନେଇଥିଲେ। ମାତ୍ର ଗୁରୁବାର ସକାଳୁ ଫାର୍ମ ହାଉସର ଏକ ପୋଖରୀରେ ମୃତଦେହ ଭାସୁଥିବା ଜାଣିବାକୁ ମିଳିଥିଲା।

## କେନ୍ଦ୍ରୀୟ ବିଦ୍ୟାଳୟର ବାର୍ଷିକ ଉତ୍ସବ

ମଙ୍ଗୁଳି, ୧୨(ସମିସ): ଚୌଦ୍ୱାର ଚାରବାଟିଆ ସ୍ଥିତ ଆଭିଏସନ୍ ରିସର୍ଚ୍ଚ ସେଣ୍ଟର (ଏଆରସି) ପରିସରରେ ଥିବା କେନ୍ଦ୍ରୀୟ ବିଦ୍ୟାଳୟର ୩୭ ତମ ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷ ରମେଶ ଚନ୍ଦ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଏଆରସିର ଉପସଚିବ ରବୀନ୍ଦ୍ର କୁମାର ମଲ୍ଲ, ସମ୍ମାନିତ ଅତିଥି ଭାବେ ଅନୁସଚିବ ସୁକେଶ ନାୟକ ଯୋଗଦେଇଥିଲେ। ଅଧକ୍ଷ ଶ୍ରୀ ଚନ୍ଦ୍ର ଅତିଥି ପରିଚୟ, ସ୍ୱାଗତ ଭାଷଣ ଓ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ବାର୍ଷିକ ଉତ୍ସବକୁ ବାମଦେବ ବଘାର, ଜ୍ୟୋତ୍ସ୍ନାପ୍ରିୟା ବେହେରା, ମାନସ ରଞ୍ଜନ ସାହୁ, ଶାରଦା ପ୍ରସନ୍ନ ମହାନ୍ତି, ଭାବଗ୍ରାହୀ ଶନିବିଗ୍ରହ, ଡିସି ସାହୁଙ୍କ ସମେତ ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ଓ କର୍ମଚାରୀ ପରିଚାଳନା କରିଥିଲେ। ଶେଷରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ରିଚା ଜୈନ ଧନ୍ୟବାଦ ଅର୍ପଣ କରିଥିଲେ।




## ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ




ମାହାଙ୍ଗା, ୧୨(ସମିସ): ମାହାଙ୍ଗା ବ୍ଲକ ଅନ୍ତର୍ଗତ ନୂର୍ତାଙ୍ଗ ପଞ୍ଚାୟତସ୍ଥିତ ନୂର୍ତାଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ତାରିଣୀ ପ୍ରସାଦ ପୁହାଣଙ୍କ ଅଧକ୍ଷତାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଡାକ୍ତର ସୂର୍ଯ୍ୟପ୍ରକାଶ ଶିବ ନାରାୟଣ ଚୌଧୁରୀ, ମୁଖ୍ୟବକ୍ତାଭାବେ ପ୍ରାଧାପକ ଡ. ଅଜିତ ମହାପାତ୍ର, ସମ୍ମାନୀତ ଅତିଥିଭାବେ ଶିକ୍ଷାବିତ୍ ମାଧବ ଚନ୍ଦ୍ର ପଣ୍ଡା, ଜଟାଧାରୀ ପତି, ସିଆରସିସି ସତ୍ୟବ୍ରତ ରଥ, ସରପଞ୍ଚ ପବିତ୍ରମୋହନ ବରାଳ, ପରିଚାଳନା କମିଟି ସଭାପତି ଭାଗ୍ୟଧର ସାହୁ, ପୂର୍ବତନ ଶିକ୍ଷକ ଉମାକାନ୍ତ ମହାନ୍ତି ପ୍ରମୁଖ ଯୋଗଦେଇ କ୍ରୀଡାର ବିଭିନ୍ନ ଦିଗ ଉପରେ ଆଲୋଚନା କରିବା ସହ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷକ ମନୋରଞ୍ଜନ ବାରିକ ଅତିଥି ପରିଚୟ, ରମେଶ ଦାସ ସ୍ୱାଗତ ଭାଷଣ ଓ ଶିକ୍ଷକ ପ୍ରଶାନ୍ତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ସର୍ବଶ୍ରୀ ନିର୍ମଳା ପ୍ରହରାଜ, ମନସ୍ମିତା ସାହୁ, ନିଲମ ସାହୁ, କଳ୍ପନା ବେହେରା, ରିତିକା ଦାସ, କ୍ଷୀରୋଦ ଚନ୍ଦ୍ର ପ୍ରଧାନ, ପ୍ରଜ୍ଞା ପାରମିତା ବେହେରା, ସୁପନ୍ୟା ମଣ୍ଡଳ, ସୁରେଶ ଷଡଙ୍ଗୀଙ୍କ ସମେତ ସମସ୍ତ କର୍ମଚାରୀ ଓ ପରିଚାଳନା କମିଟି ସଦସ୍ୟମାନେ ଉପସ୍ଥିତ ରହି ସହଯୋଗ କରିଥିଲେ। କ୍ରୀଡ଼ା ଶିକ୍ଷକ ହୃଦୟକୃଷ୍ଣ ବେହୁରା ଓ ଭକ୍ତମୋହନ ସ୍ୱାଇଁ ଖେଳ ପରିଚାଳନା କରିଥିଲେ।

# ‘ନୂଆ-ଓ’ ଓଡ଼ିଆ ଭାଷା ସାହିତ୍ୟ ପ୍ରତିଯୋଗିତା




### କୁଞ୍ଜବିହାରୀ ମହାବିଦ୍ୟାଳୟ

ବାରଙ୍ଗ, ୧୨(ସମିସ)

ବାରଙ୍ଗ କୁଞ୍ଜବିହାରୀ ମହାବିଦ୍ୟାଳୟରେ ଗତ ୧୫ଦିନ ଧରି ଚାଲିଥିବା ‘ନୂଆ-ଓ’ ଓଡିଆ ଭାଷା ସାହିତ୍ୟ ବିଭିନ୍ନ ପ୍ରତିଯୋଗିତାର ଉଦଯାପନୀ ଓ ପୁରସ୍କାର ବିତରଣ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ପ୍ରତାପ କୁମାର ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଜାତୀୟ ବିଜ୍ଞାନ ଗବେଷଣା ସଂସ୍ଥା ନାଇଜର କୁଳସଚିବ ଡ.ଅଭୟ ନାୟକ ଯୋଗଦେଇ ଓଡିଆ ଭାଷା ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତି ଉପରେ ଆଲୋକପାତ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସଂଯୋଜକ ସେକ ନିଜାମୁଦ୍ଦିନ, ଡ. ସନ୍ତୋଷ ମିଶ୍ର, ଡ. ଲିପିପୁଷ୍ପା ନାୟକ, ଅନିଲ ପାଢ଼ୀ, ଜୟଶ୍ରୀ ନନ୍ଦ, ଡ.ପ୍ରବୀର ମହାନ୍ତିଙ୍କ ସମେତ ମହାବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ପୁଷ୍ପଗିରି ମହାବିଦ୍ୟାଳୟ

ମାହାଙ୍ଗା: ମାହାଙ୍ଗା ବ୍ଲକ ଏରକଣା ସ୍ଥିତ ମାହାଙ୍ଗା ପୁଷ୍ପଗିରି ମହାବିଦ୍ୟାଳୟ ପରିସରରେ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ଓ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ନିମନ୍ତେ ଏକଦିବସୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ପ୍ରଶାନ୍ତ କୁମାର ବେଉରାଙ୍କ ସଭାପତିତ୍ୱରେ ଆୟୋଜିତ ଆଲୋଚନା ଚକ୍ରରେ ମୁଖ୍ୟଅତିଥି ଭାବେ ଓଡ଼ିଶାର ବିଶିଷ୍ଟ ବ୍ୟଙ୍ଗ କବି ଜ୍ଞାନ ହୋତା ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଖ୍ରୀଷ୍ଟ ମହାବିଦ୍ୟାଳୟର ଇଂରାଜୀ ଅଧାପକ ଶାରଦା ପ୍ରସାଦ କର, ସମ୍ମାନିତ ଅତିଥି ଭାବେ ରମାଦେବୀ ମହିଳା ମହାବିଦ୍ୟାଳୟର ଓଡିଆ ବିଭାଗର ଅଧାପକ ଡ଼ ଗୋପାଳକୃଷ୍ଣ ଆଚାର୍ଯ୍ୟ ଯୋଗଦେଇଥିଲେ। ଏହି ଆଲୋଚନା ଚକ୍ରକୁ ମହାବିଦ୍ୟାଳୟର ଇଂରାଜୀ ବିଭାଗର ଅଧାପକ ଡ଼ ମନୋରଞ୍ଜନ ବେହୁରା ପରିଚାଳନା କରିଥିବା ବେଳେ ଅଧାପିକା ପରିସୀମା ଭୋଇ ଅତିଥି ପରିଚୟ ପ୍ରଦାନ କରିଥିଲେ।

ସେହିପରି ଏହି ଆଲୋଚନା ଚକ୍ରର ଦ୍ୱିତୀୟ ଅଧିବେଶନରେ ବିଷୟ ବିଶେଷଜ୍ଞ ଭାବେ ଫୁଲବାଣୀ ସରକାରୀ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ଡ଼ ଜନାର୍ଦ୍ଦନ ରାଉତ, ସମାଜସେବୀ ରବି ନାରାୟଣ ଦାସ, ଡ଼ ଜଇରାମ ସ୍ୱାଇଁ, ଡ଼ ଏକାଦଶୀ ପ୍ରଧାନ, ମହାବିଦ୍ୟାଳୟର ଓଡିଆ ବିଭାଗୀୟ ମୁଖ୍ୟ ଅଧାପିକା ତୁଳସୀ ରାଉତ, ଇଂରାଜୀ ବିଭାଗର ଅଧାପକ ଡ. ମନୋରଞ୍ଜନ ବେହୁରା ପ୍ରଭୃତି ଯୋଗଦେଇଥିଲେ। ସର୍ବଶେଷରେ ଓଡିଆ ବିଭାଗର ଅଧାପିକା ମଧୁସ୍ମିତା ସାମଲ ଆଲୋଚନା ଚକ୍ରରେ ଯୋଗଦେଇଥିବା ସମସ୍ତ ଅତିଥିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଲକ୍ଷେଶ୍ୱର ମହିଳା କଲେଜ

ଫୁଲନଖରା: ଫୁଲନଖରା ସ୍ଥିତ ଲକ୍ଷେଶ୍ୱର ମହିଳା ଉଚ୍ଚ ମାଧମିକ ବିଦ୍ୟାଳୟ ଆନୁକୂଲ୍ୟରେ ବିଶ୍ୱ ଭାଷା ସମ୍ମିଳନୀ ଓ ଶ୍ରୀମନ୍ଦିର ପରିକ୍ରମା ଉଦ୍‌ଘାଟନ ପରିପ୍ରେକ୍ଷୀରେ ଓଡ଼ିଆ ଭାଷା ସାହିତ୍ୟ ଉପରେ ଆଲୋଚନା ଚକ୍ର ଓ ପ୍ରତିଯୋଗିତା ହେବା ସହ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷା ଯଶୋଧାରା ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ପ୍ରାକ୍ତନ ପ୍ରାଧାପକ ଡ. ବେଣୁଧର ପାଢ଼ୀ ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଆଧାତ୍ମିକ ପ୍ରବଚକ ଇଂ ଶ୍ରୀସନ୍ନ୍ୟାସୀ ଜୀ ଯୋଗଦେଇଥିଲେ। ନୋଡାଲ ଅଫିସର ଅଧାପିକା ଡ. ପ୍ରଣୟ ବଲ୍ଲରୀ ମହାନ୍ତି ‘ନୂଆ-ଓ’ କାର୍ଯ୍ୟକ୍ରମର ପୂର୍ଣ୍ଣାଙ୍ଗ ବିବରଣୀ ପାଠ କରିଥିବା ବେଳେ ଅଧାପିକା ଅନସୂୟା ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧାପିକା ଇତିଶ୍ରୀ ମହାନ୍ତି, ପ୍ରତିଭା ପଟ୍ଟନାୟକ, ଆଶାଲତା ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଦେବସ୍ମିତା ମହାପାତ୍ର, ନିରୂପମା ନାୟକ, ହେମନ୍ତ ଦାସ, ଗୌତମ ଚନ୍ଦ୍ର ଦାସ, ହେମନ୍ତ ଦଳାଇ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।







## ଶିକ୍ଷକଙ୍କୁ ସମ୍ବର୍ଦ୍ଧନା



ବଡମ୍ବା, ୧୨(ସମିସ): ମାଧମିକ ବିଦ୍ୟାଳୟସ୍ତରରେ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଜିଲ୍ଲାସ୍ତରୀୟ ଶିକ୍ଷକ ପୁରସ୍କାର ପାଇବା ପାଇଁ ବଡମ୍ବା ବ୍ଲକରୁ ଏକମାତ୍ର ଶିକ୍ଷକ ଭାବେ ବାସୁଦେବ ଉଚ୍ଚ ବିଦ୍ୟାଳୟ, ଗୋପପୁରର ସହକାରୀ ଶିକ୍ଷକ ଅଶୋକ ଧଳ ମନୋନୀତ ହୋଇଛନ୍ତି। ଆସନ୍ତା ୩୧ରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ରାଜ୍ୟ ସରକାରଙ୍କ ଦ୍ୱାରା ହେବାକୁ ଯାଉଥିବା ପୁରସ୍କାର ପ୍ରଦାନ ଉତ୍ସବରେ ଶ୍ରୀ ଧଳ ସମ୍ମାନିତ ହେବେ। ଏଥିପାଇଁ ବିଦ୍ୟାଳୟର ପ୍ରଧାନଶିକ୍ଷକ କାମରାଜ ସାହୁଙ୍କ ଅଧକ୍ଷତାରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଉକ୍ତ ବିଦ୍ୟାଳୟର ଶିକ୍ଷକ ହୃଦାନନ୍ଦ ମଙ୍ଗରାଜ, ଦିଲ୍ଲୀପ ମହାନ୍ତି, ଶିକ୍ଷୟିତ୍ରୀ ନୀଳିମା ମଞ୍ଜରୀ ମହାପାତ୍ର, ମନୋରମା ବେହେରା, ତୃପ୍ତିମୟୀ ପଣ୍ଡା, ପଙ୍କଜୀନି ଭୋଇ ଏବଂ ଶୁଭସ୍ମିତା ସାହୁ ପ୍ରମୁଖ ତଥା ଛାତ୍ରଛାତ୍ରୀ ମାନେ ଉପସ୍ଥିତ ଥିଲେ।

## ବଜାର କମିଟି ଉପସଭାପତିଙ୍କ ପରଲୋକ

ମାହାଙ୍ଗା, ୧୨(ସମିସ): ମାହାଙ୍ଗା ବ୍ଲକ ସଦର ମହକୁମା କୁଆଁପାଳ ବଜାର କମିଟି ଉପସଭାପତି ତଥା ଜଳେଶ୍ୱରପୁର ଗ୍ରାମର ସମାଜସେବୀ ପ୍ରଭାତ ବାରିକ (୬୪)ଙ୍କ ହୃଦଘାତରେ ପରଲୋକ ହୋଇଯାଇଛି। ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ଜଳେଶ୍ୱରପୁର ପଞ୍ଚାୟତର ବିଭିନ୍ନ ଗ୍ରାମ ଓ କୁଆଁପାଳ ବଜାର ପରିକ୍ରମା କରାଯାଇଥିବାବେଳେ ତାଙ୍କୁ ବିଭିନ୍ନ ସ୍ଥାନରେ ଶୋକାକୂଳ ପରିବେଶ ମଧ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବା ପରେ ଗ୍ରାମ ଶ୍ମଶାନରେ ଶବଦାହ କରାଯାଇଥିଲା। ପୁତ୍ର ସୂର୍ଯ୍ୟକାନ୍ତ ମୁଖାଗ୍ନି ଦେଇଥିବାବେଳେ ସାନପୁତ୍ର ଆଲୋକଙ୍କ ସମେତ ସମସ୍ତ ବନ୍ଧୁ ଓ ପରିବାରବର୍ଗ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ମାହାଙ୍ଗା ବିଧାୟକ ପ୍ରତାପ ଜେନା, ବ୍ଲକ ଅଧକ୍ଷା ଦୀପା ମଲିକ, ଉପାଧକ୍ଷ ସତ୍ୟ ନାରାୟଣ ମହାନ୍ତି, ଉମାଶଙ୍କର ବିଶ୍ୱାଳ, ଭବାନୀ ଶଙ୍କର ସାମଲ, ଶତ୍ରୁଘ୍ନ ସେଠୀ, ବଜାର କମିଟି ସଭାପତି ଜ୍ଞାନେନ୍ଦ୍ର ପ୍ରସାଦ ତ୍ରିପାଠୀ, ଯାତ୍ରା କମିଟି ସଭାପତି ସୁବାଷ ଜେନା, ସମ୍ପାଦକ ରାଜକିଶୋର ବଳ, ଜ୍ୟୋତିଭୂଷଣ ବିଶ୍ୱାଳ, ଯାଦବ ଚନ୍ଦ୍ର ଦାଶ, ଅଭୟ ଚରଣ ପଣ୍ଡା, ସାମ୍ବାଦିକ ଲକ୍ଷ୍ମୀଧର ଖୁଣ୍ଟିଆ, ଜନ୍ମେଜୟ ବଳ, ଆଇନଜୀବୀ ଦୀପକ ମହାନ୍ତି, ଅନିଲ ପାଣି, ବିଜୟ ସିଂହଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଶୋକପ୍ରକଟ କରିଛନ୍ତି।

